# ଅଟୋ-ପିକଅପ ମୁହାଁମୁହିଁ ଧକ୍କା, ଅଟୋ ଚାଳକ ଗୁରୁତର

ଖଡ଼ିଆଳ,୨।୩.(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ୩୫୩ ନମ୍ବର ଜାତୀୟ ରାଜପଥ ଲକ୍ଷ୍ମୀପୁର-ପୋଡାପାଲି-ଡୁମେରବାହାଲ ଛକ ନିକଟରେ ଏକ ଅଟୋ ଓ ପିକଅପ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଅଟୋ ଚାଳକ ଖଡ଼ିଆଳ ବ୍ଲକ ଛତା ଗ୍ରାମର ସାରଥୀ ଭୋଇ(୫୫) ଗୁରୁତର ଆହତ ହୋଇଛନ୍ତି। ଅଟୋ ଡୁମେରବାହାଲ ଗ୍ରାମ ପଟୁ ଆସୁଥିବା ବେଳେ ଅନ୍ୟ ଏକ ଦିଗରୁ ପିକଅପ ଭ୍ୟାନ ଆସୁଥିଲା। ଉଭୟ ଗାଡ଼ି ତ୍ରିଛକଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଟୋ ଚାଳକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ନୂଆପଡା ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ, ଦୁର୍ଘଟଣା ସ୍ଥଳରେ ଅଟୋ ଚାଳକ ୨ ଘଣ୍ଟା ପର୍ଯ୍ୟନ୍ତ ପଡ଼ିରହିଥିଲେ। ଆମ୍ବୁଲାନ୍ସକୁ ବାରମ୍ବାର ଫୋନ କଲାପରେ ମଧ୍ୟ ପହଞ୍ଚି ନଥିଲା। ଅଟୋ ଚାଳକଙ୍କ ପୁଅ ବାଇକ୍‌ରେ ବସାଇ ନେଉଥିବା ସମୟରେ ଆମ୍ବୁଲାନ୍ସ ପହଞ୍ଚି ଥିଲା। ପୋଲିସ ପିକ ଅପ ଭ୍ୟାନକୁ ଜବତ କରିଥିବା ବେଳେ ଭ୍ୟାନର ଡ୍ରାଇଭର ଫେରାର ଥିବା ଜଣାପଡ଼ିଛି।

# ୧୫ କି.ମି. ପାହାଡ଼ ଚଢ଼ି ଗଲେ ପଡ଼େ ପଞ୍ଚାୟତ କାର୍ଯ୍ୟାଳୟ

## ଦୁର୍ଗମ ଅଞ୍ଚଳରେ ଅଭିଶପ୍ତ ଜୀବନ ବିତାଉଛନ୍ତି ବିଜ୍ରାଦର ଗ୍ରାମବାସୀ


ପାହାଡ଼ ଚଢ଼ି ମହିଳାମାନେ ଗାଁକୁ ଯାଉଛନ୍ତି।

ଭବାନୀପାଟଣା,୨।୩(ଉତ୍ତମ କୁମାର ଦାଶ)

ଦୁର୍ଗମ ଅଞ୍ଚଳର ଆଦିବାସୀମାନେ କିଭଳି ମୁଖ୍ୟସ୍ରୋତରେ ସାମିଲ ହେବେ ଓ ସରକାରୀ ଯୋଜନାର କିଭଳି ସେମାନେ ଲାଭ ପାଇବେ ସେ ନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆଜି ବି ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ବିଜୁଳି ତଥା ମୋବାଇଲ ନେଟୱାର୍କରୁ ବର୍ଷ ବର୍ଷ ଧରି ବଞ୍ଚିତ ହେଉଛନ୍ତି। ବଣ ପାହାଡ଼ ଘେରରେ ରହି ଆଦିବାସୀଙ୍କ ଜୀବନ ଅଭିଶପ୍ତ ପଲଟି ଯାଇଛି । ନିର୍ବାଚନ ସମୟରେ ଭୋଟ ଦିଅନ୍ତି। କିନ୍ତୁ ସେ ପ୍ରାର୍ଥୀ କିଏ ଜାଣନ୍ତି ନାହିଁ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଏବେବି ପରାଧୀନ ଜୀବନ ଯାପନ କରୁଛନ୍ତି ଏହି ଆଦିବାସୀମାନେ। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର ବୁଢ଼ୀଦର ପଞ୍ଚାୟତର ଦୁର୍ଗମ ତଥା ବଣ ପାହାଡ଼ ଘେରା ମଧ୍ୟରେ ଅବସ୍ଥିତ ବିଜ୍ରାଦର ଗାଁରେ। ଏହି ଗାଁ ସରକାରଙ୍କ ରାଜସ୍ୱ ଗ୍ରାମ ହୋଇଥିବା ବେଳେ ଗାଁରେ ୧୮ଟି ଆଦୀବାସୀ ପରିବାର ଓ ୩ଟି ଦଳିତ ପରିବାରର ୧୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମବାସୀଙ୍କ ପାଇଁ ଆବାସ ଯୋଜନା ସାତ ସପନ ହୋଇଛି । ମୁଖ୍ୟତ ରାସ୍ତା ନ ଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ବୁଢୀଦରକୁ ଯିବାକୁ ହେଲେ ୧୫ କିଲୋମିଟର ପାହାଡ଼କୁ ଚଢି ଯିବାକୁ ପଡିଥାଏ। କୌଣସି ଗର୍ଭବତୀ,ପ୍ରସୂତିଙ୍କୁ ଡାକ୍ତରଖାନାକୁ ନେବାକୁ ହେଲେ ଖଟିଆରେ ବୋହି ନେଇଥାନ୍ତି। ମୋବାଇଲ ନେଟୱାର୍କ ନ ଥିବା ଯୋଗୁ ଯୋଗାଯୋଗ ମଧ୍ୟ ହୋଇପାରେ ନାହିଁ । ସମସ୍ତଙ୍କ ଘରେ ସୋଲାର ଲାଇଟ ଲାଗିଛି । କିନ୍ତୁ କୌଣସି ଗୋଟିଏ ମଧ୍ୟ ସୋଲାର ଲାଇଟ ଜଳୁନାହିଁ। ଜଙ୍ଗଲୀ ମୁଳକରେ ରହି ପୋଡୁ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ସରକାରୀ ସୁବିଧା କହିଲେ କେବଳ ରାସନକାର୍ଡ ଛଡା ଆଉ କୌଣସି ସୁବିଧା ନାହିଁ। ସରକାରୀ ଯୋଜନାରେ ଏହି ଗାଁ କେବେ ସାମିଲ ହେବେ ସେନେଇ ଗ୍ରାମର ଘାସିରାମ ମାଝୀ,ଅଙ୍ଗଦ କୁମାର ପ୍ରକାଶ କରନ୍ତି।

# ନାଟ୍ୟଜଗତର ପରିଚାଳକ ଲିଙ୍ଗରାଜ ସମ୍ବର୍ଦ୍ଧିତ

ଥୁଆମୂଳରାମପୁର୨।୩(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଗ୍ରାମ ପଞ୍ଚାୟତ ଅଧିନରେ ଥିବା ବେନ୍ଧାଖୋଲା ଗ୍ରାମର ନାଟ୍ୟ ଜଗତର ପରିଚାଳକ, ନିର୍ଦ୍ଦେଶକ, ପ୍ରଯୋଜକ ଓ ପ୍ରଶିକ୍ଷଣ ଲିଙ୍ଗରାଜ ନାଏକଙ୍କୁ ଜୀବନ ଜ୍ୟୋତି ଯୁବ ଅନୁଷ୍ଠାନ ବଡ ବଣ୍ଡେଲ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସିନ୍ଧିପଦର୍ ଗ୍ରାମର ଏକ ନାଟ୍ୟ ଜଗତର ନାଟ୍ୟ ରଚନାକାରୀ ପରମାନନ୍ଦ ନାଏକ, ଖଳ ନାୟକ ମଧୁସୂଦନ ନାଏକ, ନାୟକ ପବିତ୍ର ନାଏକ, ରାଜା ରୁକ୍ତା ମାଝୀ, ହାସ୍ୟ ଅଭିନେତା ହରି ମାଝୀ, ସେନାପତି ଗୌରୀ ଶଙ୍କର ନାଏକ, ନାୟିକା ଦୀପଜାଳି ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।


ଲିଙ୍ଗରାଜଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସମାଜର ଦାୟିତ୍ୱବୋଧ, ସଙ୍ଗଠନକୁ ନେଇ ମାର୍ଗଦର୍ଶନ



ଉଦ୍‌ଯାପନୀ ସମାରୋହରେ ପୂର୍ବତନ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

ଭବାନୀପାଟଣା,୨।୩(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସହର ସ୍ଥିତ କଳାହାଣ୍ଡି କରଣ ସମାଜ କଲ୍ୟାଣ ମଣ୍ଡପଠାରେ ଗତ ୨୬ ତାରିଖଠାରୁ ଚାଲିଥିବା ଚିତ୍ରଗୁପ୍ତ ମହାପ୍ରଭୁଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଅତିଥିଭାବେ ସମ୍ବଲପୁରର ପୂର୍ବତନ ରାଜସଭା ଏମପି ସୁଶ୍ରୀ ପ୍ରମିଳା ବହିଦାର, ରାଷ୍ଟ୍ରୀୟ ସଂଗ୍ରକ୍ଷକ ଅଖିଳ ଭାରତୀୟ କାୟସ୍ଥ ମହାସଭା ରତ୍ନଭୂଷଣ ପୃସେଠ, ଅବସର ପ୍ରାପ୍ତ ଜିଲାପାଳ ଜଗନ୍ନାଥ ମହାନ୍ତି, ପୂର୍ବତନ କାର୍ଯ୍ୟକାରୀ ସଦସ୍ୟ ବିକ୍ରମାନନ୍ଦ ବହିଦାର, ବରିଷ୍ଠ ସାମାଜିକ କର୍ମୀ ରତ୍ନୁପର୍ଣ୍ଣା ମହାନ୍ତି, ପଦମପୁର କରଣ ସମାଜ ସଭାପତି ଶିରିଶ କୁମାର ବହିଦାର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସମାଜର ଦାୟିତ୍ୱବୋଧ ଓ ସଙ୍ଗଠନକୁ ନେଇ ମାର୍ଗଦର୍ଶନ କରିଥିଲେ। ସେହିପରି ସମାଜ ତରଫରୁ ଜିଲା ସଭାପତି ରାମ ଶଙ୍କର ଦାସ, ସମ୍ପାଦକ ପ୍ରଦୀପ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା କାଳୀ ପ୍ରସାଦ ପଟ୍ଟନାୟକ, ମହିଳା ସମ୍ମୁଖ୍ୟ ମୁଖ୍ୟ ସୁଶ୍ରୀ ସବିତା ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ ଉପସ୍ଥିତ ରହିଥିଲେ। ସଭାକୁ ପ୍ରମୋଦ ପଟ୍ଟନାୟକ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଜିଲାର ବରିଷ୍ଠ ନେତା, ପୂର୍ବତନ ବିରୋଧୀ ଦଳ ନେତା ଭୂପିନ୍ଦର ସିଂ ମଧ୍ୟ ଯୋଗଦେଇ ମହାପ୍ରଭୁ ଚିତ୍ରଗୁପ୍ତଙ୍କ ଆଶୀର୍ବାଦ ନେଇଥିଲେ। ସମାଜ ତରଫରୁ ନିମନ୍ତ୍ରଣ ରକ୍ଷା କରି ଆସିଥିବା ଜିଲାର ବିଭିନ୍ନ ସମାଜର ସଭାପତି, ସମ୍ପାଦକ ଓ ବରିଷ୍ଠ ଖବରଦାତାଙ୍କୁ ମଞ୍ଚ ଉପରେ ଅତିଥିମାନଙ୍କ ଦ୍ୱାରା ଫୁଲତୋଡ଼ା, ଉତ୍ତରୀୟ ଓ ଫଳକ ଦିଆଯାଇ ସମ୍ମାନିତ କରାଯାଇଥିଲା। ଏହାପରେ ମନ୍ଦିରର ପୂର୍ଣ୍ଣାହୁତି ହୋଇଥିଲା। ଶେଷରେ ଅନ୍ତିମ ସାଂସ୍କୃତିକ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମହିଳାମାନଙ୍କ ଦ୍ୱାରା ପରିବେଶିତ ନାଟକ "ବୃଦ୍ଧାଶ୍ରମର ଶେଷ ଠିକଣା" ବେଶ ହୃଦୟ ବିଦାରକ ଥିଲା। ସମାଜ ପକ୍ଷରୁ ସମସ୍ତ ସଦସ୍ୟାସଦସ୍ୟ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବର ସମସ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଦାୟିତ୍ୱମାନ ନେଇ ସହଯୋଗ କରିଥିଲେ। ସୂଚନାଥାଉ କି, ଓଡ଼ିଶା ତଥା ସର୍ବ ଭାରତୀୟ ସ୍ତରରେ ଏହିଭଳି ଭବ୍ୟ ମନ୍ଦିର ନିର୍ମାଣ ହେବାରେ କଳାହାଣ୍ଡି ପ୍ରଥମ ବୋଲି କଳାହାଣ୍ଡି କରଣ ସମାଜ ପକ୍ଷରୁ ଜଣାପଡିଛି। ଜିଲା ସଭାପତି ରାମ ଶଙ୍କର ଦାସ ଓ ସମ୍ପାଦକ ପ୍ରଦୀପ ପଟ୍ଟନାୟକଙ୍କ ନେତୃତ୍ୱରେ ୪ଦିନ ଧରି ଏହି ସମାରୋହ ଅନୁଷ୍ଠିତ ହୋଇଥିଲା।

# ବସନ୍ତ ସାହିତ୍ୟ ମହୋତ୍ସବ, କବିତା ଆସର

ଭବାନୀପାଟଣା,୨।୩(ଉତ୍ତମ କୁମାର ଦାଶ)

ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କଳାହାଣ୍ଡି ଶାଖା ପକ୍ଷରୁ ରବିବାର ଭବାନୀପାଟଣା ସ୍ଥିତ ଅମଳା ଭବନଠାରେ ବସନ୍ତ ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଶକ୍ତ ମହିଳା ଓ ସାହିତ୍ୟ କ୍ଷେତ୍ରରେ ନାରୀଙ୍କ ଅବଦାନକୁ ନେଇ ଅବସରପ୍ରାପ୍ତ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଶାଖାର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ସମ୍ମାନୀତ ଅତିଥି ସହକାରୀ ଜିଲାପାଳ ମମତା ଦାସ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡା.ଅଜୟ କୁମାର ମିଶ୍ର, ଅଧ୍ୟାପକ ସମୀର କୁମାର ମହାପାତ୍ର, ସଂଘର ଉପସଭାପତି ତଥା ଆବାହକ ମହମ୍ମଦ ବୁରହାନ୍, ସେବାର ପ୍ରକାଶକ, ରାଜେନ୍ଦ୍ର କୁମାର ସାହୁ, ଡା.ବନମାଳୀ ମେହେର, ପୂର୍ବତନ କଲେଜ ଅଧ୍ୟକ୍ଷ ଚନ୍ଦ୍ର ଶେଖର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବିଷୟ ବସ୍ତୁ ଉପରେ ନିଜର ଅଭିଭାଷଣ ରଖିଥିଲେ। ସଭାକୁ ସଂଘର ବରିଷ୍ଠ ସଦସ୍ୟଭାବେ କେଶରୀ ଦଳେଇ ପରିଚାଳନା କରିଥିଲେ। ପରେ କବିତା ଆସର ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ମହିଳା ବିଭାଗ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାନେତ୍ରୀ ସବିତା ପଟ୍ଟନାୟକ, ସମ୍ମାନୀତ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପିକା ମଞ୍ଜୁମେଧା ଗୁରୁ, ସେବା ପତ୍ରିକାର ଓଡ଼ିଆ ସମ୍ପାଦକ ଅଶୋକ କୁମାର ଖମାରୀ, ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ସମ୍ପାଦକ ବିରିଞ୍ଚି ନାରାୟଣ ମୁଣ୍ଡ, କଳାହାଣ୍ଡି ଲେଖିକା ସଂଘର ସମ୍ପାଦିକା କଳ୍ପନା ରଥ ପ୍ରମୁଖ ଯୋଗଦେଇଥିଲେ। ଜିଲାର କୋଣ ଅନୁକୋଣରୁ ୪୦ ଜଣ କବି ଯୋଗଦେଇ ନିଜର ସ୍ୱରଚୀତ କବିତା ପଠନ କରିଥିଲେ। ଏହି ଅବସରରେ ବୟୌଜ୍ୟୋଷ୍ଠା ସାରସ୍ୱତ ସାଧିକା ସଂଘମିତ୍ରା କାନୁନ୍‌ଗୋଙ୍କୁ ଶ୍ରେଷ୍ଠ କବିୟତ୍ରୀ ଓ ସେବାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।



ମଞ୍ଚାସୀନ ଅତିଥିଗଣ।

# ଅଟୋ ଧକ୍କାରେ ମହିଳା ମୃତ, ସ୍ୱାମୀ ଓ ପୁଅ ଗୁରୁତର


ପରିବାର ଲୋକେ ରାସ୍ତା ଅବରୋଧ କରିଛନ୍ତି।

- କ୍ଷତିପୂରଣ ଦାବିରେ ରାସ୍ତାରୋକୋ
- ବିବାହ କାର୍ଯ୍ୟରେ ଯୋଗ ଦେବାକୁ ବାଇକ୍‌ରେ ଯାଉଥିଲେ

କୋକସରା,୨।୩ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା ଆମପାଣିରୁ ଧର୍ମଗଡ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ୱେ ର ଆମପାଣି ଥାନା ଭୁର୍ଷାଗୁଡାରୁ କୁଳେରଗୁଡା ରାସ୍ତା ମଝିରେ ରବିବାର ଅପରାହ୍ନ ପ୍ରାୟ ୧ଟାରେ ଏକ ସଡକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ସ୍ଥାନୀୟ ଡୁଡୁକାଠେଙ୍ଗା ପଞ୍ଚାୟତ ଧୋବେନ ଚଞ୍ଚରା ଗ୍ରାମର ଗୋମତି ଦୁର୍ଗା(୩୫)। ଦୁର୍ଘଟଣାରେ ତାଙ୍କ ସ୍ୱାମୀ ଶଶୀଧର ଦୁର୍ଗା(୪୫) ଓ ୮ବର୍ଷର ପୁଅ କିରଣ ଦୁର୍ଗା ଗୁରୁତର ହୋଇଛନ୍ତି। କୋକସରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଜିଲା ମୁଖ୍ୟ ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଛି। ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ସେମାନେ ବାଇକ(ନଂ.ଓଡି ୦୮ ଏଚ ୯୬୭୮)ରେ ଯାଉଥିବାବେଳେ କୁଳେରଗୁଡା-ଘଣ୍ଟିଗୁଡା ରାସ୍ତାମଝିରେ ଏକ ଅଟୋ ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ସେମାନେ ଭାରସାମ୍ୟ ହରାଇ ଛିଟିକି ପଡିଥିଲେ। ଦୁର୍ଘଟଣାରେ ଗୋମତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇବା ପରେ ଅଟୋକୁ ନେଇ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଆମପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଅନ୍ୟପଟେ ଦୁର୍ଘଟଣାସ୍ଥଳରେ ମୃତକଙ୍କ ପରିଜନ ଓ ସ୍ଥାନୀୟ ଲୋକେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡିକୁ ଠାବ କରିବା ସହ କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ କରିଥିଲେ। ଖବର ପାଇ କୋକସରା ତହସିଲଦାର କ୍ଷୀରୋଧ ବିହାରୀ ଭାରତ ନାଗ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିଜନଙ୍କ ସହ ଆଲୋଚନା କରିଥିଲେ। ସରକାରୀ ନିୟମ ଅନୁଯାୟୀ ଯାହା କ୍ଷତିପୂରଣ ପ୍ରଦାନର ପ୍ରତିଶ୍ରୁତି ସହ ରେଡ୍‌କ୍ରସରୁ ୧୦ ହଜାର ଟଙ୍କା ପ୍ରଦାନ କରିବା ପରେ ମୃତଦେହ ଉଠିବା ସହ ରାସ୍ତା ଅବରୋଧ ହଟିଥିଲା। ପୋଲିସ କୋକସରା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଆମପାଣି ଥାନାରେ ଏକ ମାମଲା(ନଂ.୧୨/୨୫)ରୁଜୁ ହୋଇଥିବା ତଦନ୍ତକାରୀ ପୋଲିସ ସବଇନ୍ସପେକ୍ଟର ଈଶ୍ୱର ଚନ୍ଦ୍ର ସିର୍କା ସୂଚନା ଦେଇଛନ୍ତି। ମୃତକ ପରିବାରକୁ ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଦିଆଯିବ ବୋଲି ସ୍ଥାନୀୟ ସରପଞ୍ଚ ହରିପ୍ରିୟା ନାଗ କହିଛନ୍ତି।

## ଇନ୍ଦ୍ରାବତୀ ଜଳଭଣ୍ଡାରକୁ ଗାଧୋଇବାକୁ ଯାଇ ନିଖୋଜ ଘଟଣା

# ୩ଦିନ ପରେ ମିଳିଲା ମୃତଦେହ

ଥୁଆମୂଳ ରାମପୁର,୨।୩(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ପାଡ଼େପଦର ପଞ୍ଚାୟତ ଅନ୍ତର୍ଗତ ବେଣାଖମାର ଗ୍ରାମର ବ୍ରଜ ମାଝୀ (୪୦) ଇନ୍ଦ୍ରାବତୀ ଜଳଭଣ୍ଡାରକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଘଟଣାର ୩ ଦିନ ପରେ ଶନିବାର ତାଙ୍କ ମୃତଦେହ ଜଳଭଣ୍ଡାରରୁ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ, ବ୍ରଜ ଗୁରୁବାର ଅପରାହ୍ନରେ ଇନ୍ଦ୍ରାବତୀ ଜଳଭଣ୍ଡାରକୁ ଗାଧୋଇବାକୁ ଯାଇଥିଲେ। ମାତ୍ର ଅନେକ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଜଳଭଣ୍ଡାର କୂଳରେ ତାଙ୍କ ଚପଲ ଓ କପଡ଼ା ପଡ଼ିଥିବା ଦେଖିଥିଲେ। ସେ ଜଳଭଣ୍ଡାରରେ ବୁଡ଼ି ଯାଇଥିବା ପରିବାର ଲୋକେ ସନ୍ଦେହ କରିବାରୁ ସମିତି ସଭ୍ୟ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ମହୁଲ ପାଟଣା ଫାଣ୍ଡି ଅଧିକାରୀ ଭୀମସେନ ଦଣ୍ଡସେନା, ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠ ଏବଂ ଅଗ୍ନିଶମ ବିଭାଗ ଅଧିକାରୀ ବନମାଳି ପୁଝାରୀ ଓ ତାଙ୍କ ସ୍ୱତନ୍ତ୍ର ଟିମ ଗୁରୁବାର ଓ ଶୁକ୍ରବାର ୨ ଦିନ ଖୋଜାଖୋଜି କରିଥିଲେ ପରେ ବି ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଶନିବାର ସକାଳ ୧୦ଟାରେ ମୃତଦେହ ପାଣିରେ ଭାସୁଥିବା ଦେଖି ଗ୍ରାମବାସୀ ଉଦ୍ଧାର କରିଥିଲେ। ଏ ନେଇ ପୋଲିସ ୟୁ.ଡି କେସ୍ ନଂ .୧/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠ ସୂଚନା ଦେଇଛନ୍ତି।

# ଜିଲାରେ ଶିଳ୍ପାନୁଷ୍ଠାନ ସ୍ଥାପନ କରିବାକୁ ଦାବିପତ୍ର

ଖଡ଼ିଆଳ,୨।୩(ସୁଜିତ କୁମାର ପ୍ରଧାନ)

ଭାରତୀୟ ମଜଦୁର ସଂଘ ନୂଆପଡ଼ା ଜିଲା ତରଫରୁ ଜିଲାର ବିଭିନ୍ନ ସ୍ଥାନରେ ଶିଳ୍ପାନୁଷ୍ଠାନ ସ୍ଥାପନ ପାଇଁ ଜିଲାପାଳ ମଧୁସୂଦନ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିରେ ଜିଲାରୁ ପ୍ରତିବର୍ଷ ଶ୍ରମିକମାନେ ରାଜ୍ୟ ବାହାରକୁ ନିୟମିତ ଭାବରେ ଦାଦନ ଖଟିବା ପାଇଁ ଯିବା ଏକ ସାଧାରଣ ସମସ୍ୟା ହୋଇ ରହିଛି। ଏହି ଜିଲାରେ ଶ୍ରମ ନିୟୋଜନ ଭିତ୍ତିକ କୌଣସି ପ୍ରକାର ଶିଳ୍ପାନୁଷ୍ଠାନ କିମ୍ବା ଅନ୍ୟକୌଣସି ବିକଳ୍ପ ପ୍ରତିଷ୍ଠାନ ନାହିଁ। ଫଳରେ ହଜାର ହଜାର ଶ୍ରମିକ ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇ ଜୀବନ ହରାଉଛନ୍ତି। ଜିଲାରେ ଉଭୟ ଖଣିଜ ଓ କୃଷିଭିତ୍ତିକ ଶିଳ୍ପ ସ୍ଥାପନର ପର୍ଯ୍ୟାପ୍ତ ସୁଯୋଗ ଥିବା ସତ୍ତ୍ୱେ କୌଣସି ପ୍ରକାର ସରକାରୀ ଉଦ୍ୟମ କରାଯାଇନାହିଁ। ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନୂଆପଡ଼ା ଜିଲାର ବିଭିନ୍ନ ସ୍ଥାନରେ ଶିଳ୍ପାନୁଷ୍ଠାନଗୁଡ଼ିକ ସ୍ଥାପନ ଭାରତୀୟ ମଜଦୁର ସଂଘ ଦାବି କରିଛନ୍ତି । ଦାବି ସମୟରେ ସଂଘ ଜିଲା ସଭାପତି ପ୍ରଦୀପ କୁମାର ଦଣ୍ଡସେନା, ଜିଲା ସମ୍ପାଦକ ବାବୁଲାଲ ମାଝୀ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଫାଇନାଲରେ ଲଡୁଗାଁ ଦଳ ଚାମ୍ପିୟନ

## ମା' ମାଉଳି କ୍ରିକେଟ ଟୁର୍ନାମେଣ୍ଟ

କୋକସରା,୨।୩ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଫୁପଗାଁ ପଞ୍ଚାୟତ ଫୁପଗାଁ ମା' ମାଉଳି କ୍ରିକେଟ ଟୁର୍ନାମେଣ୍ଟର ଉଦଯାପନୀ ମ୍ୟାଚ ଲଡୁଗାଁ ଓ ଚିଲଡ଼ଙ୍ଗରି ଦଳ ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମା' ମାଉଳି ଅନୁଷ୍ଠାନର ସଭାପତି ତୀର୍ଥରାଜ ଶବରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଶିକ୍ଷାବିତ ବୈକୁଣ୍ଠ ଜାଲ, ମୁଖ୍ୟବକ୍ତା ଚନ୍ଦ୍ରଭାନୁ ପୁଝାରି, ସମ୍ମାନିତ ଅତିଥି ଗୋବିନ୍ଦ ଶବର, ଦେବବ୍ରତ ପଟେଲ ଉପସ୍ଥିତ ରହି ଫାଇନାଲ ଟୁର୍ନାମେଣ୍ଟର ଉଭୟ ଦଳର ଖେଳାଳିଙ୍କ ସହ ପରିଚୟ ପର୍ବରେ ସାମିଲ ହୋଇ ଉତ୍ସାହିତ କରିଥିଲେ। ନିର୍ଦ୍ଧାରିତ ୧୨ ଓଭର ମ୍ୟାଚରେ ପ୍ରଥମେ ଲଡୁଗାଁ ଦଳ ବ୍ୟାଟିଂ କରି ୧୨୦ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷରେ ଚିଲଡ଼ଙ୍ଗରି ଦଳ ସମସ୍ତ ଉଇକେଟ ହରାଇ ୧୧୮ ରନରେ ଅଲଆଉଟ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଚିଲଡ଼ଙ୍ଗରି ଦଳର ଖେଳାଳି ହୃଶାନ୍ତ ଚଣ୍ଡି ଓ ମ୍ୟାନ ଅଫ ଦି ସିରିଜ ଲଡୁଗାଁ ଦଳର ସୁଶିଲ ପାନ ଯୋଗ୍ୟ ବିବେଚିତ ହୋଇଥିଲେ। ଉପସ୍ଥିତ ଅତିଥିମାନେ ବିଜେତା ଲଡୁଗାଁ ଦଳ ଓ ଉପ ବିଜେତା ଚିଲ ଡ଼ଙ୍ଗରି ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଅମ୍ପିୟାର ଭାବେ ବିକାଶ ନାଏକ, ସତ୍ୟ ପୁଝାରି ସ୍କୋର ବୋର୍ଡରେ ନବ ପୁଝାରି ଓ ଖେଳର ବିସ୍ତୃତ ଧାରା ବିବରଣୀ ନକୁଳ ଶବର ପ୍ରଦାନ କରିଥିଲେ। ମା' ମାଉଳି ଅନୁଷ୍ଠାନ ପକ୍ଷରୁ ମୁନିମ ପଟେଲ, ବିରେନ୍ଦ୍ର ଶବର, ରାକେଶ ନାଏକ, ସୁରେନ୍ଦ୍ର ଶବର ଓ ଅନ୍ୟ ସଦସ୍ୟ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କଠାରୁ ଖେଳାଳିମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

# ୪୮୪ ଶ୍ରମିକଙ୍କୁ ୩.୪୬ କୋଟି ସହାୟତା

## ଜିଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ


ଅତିଥି ଗହଣରେ ସହାୟତା ପାଇଥିବା ଶ୍ରମିକମାନେ।

ନୂଆପଡା,୨।୩ (ମକାରୁ ବେମାଲ)

ନୂଆପଡ଼ା ନ୍ୟାଶନାଲ ମହାବିଦ୍ୟାଳୟ ଅଡିଟୋରିୟମଠାରେ ରବିବାର ଜିଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଓ ପଞ୍ଜୀକରଣ ପତ୍ର ସହ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ସିଂ ଦେଓ ମୁଖ୍ୟ ଅତିଥି, ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ଶ୍ରମିକ ମହାସଂଘ ଜିଲା ଆବାହକ ଯଦୁମଣି ପାଣିଗ୍ରାହୀ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ୍ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୋନିଆ ଜୈନ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ରବୀନ୍ଦ୍ର ବାର୍ଲା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମଞ୍ଚାସୀନ ଥିଲେ। କେନ୍ଦ୍ର ତଥା ରାଜ୍ୟ ସରକାର ଜିଲା ଶ୍ରମ ବିଭାଗ ଜରିଆରେ ପ୍ରସୁତି ସହାୟତା, ମୃତ୍ୟୁକାଳୀନ ସହାୟତା, ଅନ୍ତିମ ସଂସ୍କାର, ଶିକ୍ଷା ସହାୟତା, ବିବାହ ସହାୟତା ଦେଉଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ସମସ୍ତଙ୍କୁ କାମ ଯୋଗାଇ ଦିଆଯାଉଛି। ଶ୍ରମିକ ଶ୍ରେଣୀର ଲୋକମାନେ ଦାଦନ ନ ଯାଇ ଜିଲା ଶ୍ରମ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରି ନିଜ ଭିଟାମାଟିରେ କାମ କରନ୍ତୁ ବୋଲି ଜିଲାପାଳ କହିଥିଲେ। ଦାଦନ ସର୍ଦ୍ଦାରମାନଙ୍କ ପ୍ରଲୋଭନରେ ପଡ଼ି ଶ୍ରମିକମାନେ ବିନା ପଞ୍ଜୀ କରଣରେ ବାହାର ରାଜ୍ୟକୁ ଯାଇ ଇଟାଭାଟି ମାଲିକମାନଙ୍କଠାରୁ ନିର୍ଯାତନାର ଶିକାର ହେଉଥିବା ବେଳେ ଅନେକ ଶ୍ରମିକ ରୋଗରେ ମୃତ୍ୟୁବରଣ କରୁଛନ୍ତି । ତାଙ୍କର ଶ୍ରମିକ କାର୍ଡ ନ ଥିବାରୁ କୌଣସି ସହାୟତା ପାଇପାରୁ ନାହାନ୍ତି। ଜିଲା ଶ୍ରମ ଅଧିକାରୀ ଦାଦନ ସର୍ଦ୍ଦାର ମାନଙ୍କ ଲାଇସେନ୍ସ ଓ ଶ୍ରମିକମାନଙ୍କ ଶ୍ରମ ପଞ୍ଜୀକରଣ କାର୍ଡ ଉପରେ ଯାଞ୍ଚ କରନ୍ତୁ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଶ୍ରମିକ କଲ୍ୟାଣ ସମାରୋହରେ ୨୯ ଜଣଙ୍କୁ ଶିକ୍ଷା ସହାୟତା ପାଇଁ ୨ ଲକ୍ଷ ୭୬ ହଜାର ୮ ଶହ ଟଙ୍କା ପ୍ରଦାନ କରାଯାଇଥିଲା। ବିବାହ ସହାୟତା ୨୧୦ ଜଣଙ୍କୁ ୧ ଲକ୍ଷ ୫ ହଜାର ଟଙ୍କା, ପ୍ରସୁତିକାଳୀନ ସହାୟତା ୪୧ ଜଣଙ୍କୁ ୪ ଲକ୍ଷ ୧୦ ହଜାର ଟଙ୍କା, ଅନ୍ତିମ ସଂସ୍କାର ପାଇଁ ୯୪ ଜଣଙ୍କୁ ୪ ଲକ୍ଷ ୭୦ ହଜାର ଟଙ୍କା ଓ ମୃତ୍ୟୁକାଳୀନ ସହାୟତା ୧୧୦ ଜଣଙ୍କୁ ୨ କୋଟି ୩୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ମୋଟ ୪୮୪ ଜଣଙ୍କୁ ୩ କୋଟି ୪୬ ଲକ୍ଷ ୫୬ ହଜାର ୮୦୦ ଟଙ୍କା ପ୍ରଦାନ କରାଯାଇଛି। ୨ ଶହ ଜଣ ଶ୍ରମିକ ଶ୍ରେଣୀର ଲୋକଙ୍କୁ ଶ୍ରମ ପଞ୍ଜୀକରଣ କାର୍ଡ ପ୍ରଦାନ କରାଯାଇଥିଲା । ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ମନୋରଞ୍ଜନ ନାଏକ ମଞ୍ଚ ପରିଚାଳନା କରିଥିଲେ ।

# ନଦୀକୁ ପ୍ରଦୂଷଣ, ଶୋଷଣମୁକ୍ତ କରିବାକୁ ଆହ୍ୱାନ




ବୈଠକରେ ଉପସ୍ଥିତ ଆଲୋଚକବୃନ୍ଦ।

**ଜୀରାନଦୀ ଗୋଲ ଟେବୁଲ ବୈଠକ**

■ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ଆଲୋଚନା

ବରଗଡ଼,୨।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠରେ ବହିଯାଇଥିବା ଜୀରାନଦୀ ଅସ୍ତିତ୍ୱ ହଜାଇ ବସିଛି। ଜମି ଓ ବାଲି ମାଫିଆମାନେ ଏହି ନଦୀକୁ ମାଡ଼ି ବସିଛନ୍ତି। ଫଳରେ ନଦୀ ସଙ୍କୁଚିତ ହୋଇ ପଡୁଛି। ସେହିପରି ସହରରେ ରହିଥିବା ନର୍ଦ୍ଦମା ପାଣି ସିଧାସଳଖ ଜୀରାନଦୀ ପାଣିରେ ମିଶୁଛି। ଏହାଦ୍ୱାରା ନଦୀ ପାଣି ମଧ୍ୟ ପ୍ରଦୂଷିତ ହେଉଛି। ଏଭଳି ସ୍ଥିତିରେ ଜୀରାନଦୀର ସୁରକ୍ଷା ପାଇଁ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଅଣ୍ଟା ଭିଡି ବାହାରିଛି। ଉକ୍ତ ସଂଗଠନ ପକ୍ଷରୁ ଜୀରାନଦୀ ବଞ୍ଚାଅ ଅଭିଯାନ ଚାଲିଛି। ଏହି କ୍ରମରେ ରବିବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ସଂଗଠନ ଏକ ଗୋଲ ଟେବୁଲ ବୈଠକ ଆୟୋଜନ କରିଥିଲା। ଉକ୍ତ ବୈଠକରେ ଜୀରା ନଦୀର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ଆଲୋଚନା ହୋଇଥିଲା। ବରଗଡ଼ ବିଧାୟକ ଅଶିନୀ ଷଡ଼ଙ୍ଗୀ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀଙ୍କ ସମେତ ସ୍ଥାନୀୟ ଅନେକ ବୁଦ୍ଧିଜୀବୀ, ବିଭିନ୍ନ ରାଜନୈତିକ ଦଳର ନେତା, ସାମାଜିକ କର୍ମୀ, ଓକିଲ, ଡାକ୍ତର ପ୍ରମୁଖ ବୈଠଯୋଗ ଦେଇ ଜୀରା ନଦୀର ପୁନରୁଦ୍ଧାର ଓ ସୁରକ୍ଷା ପାଇଁ ନିଷ୍ପତ୍ତି ସେମାନଙ୍କ ମତପ୍ରକାଶ କରିଥିଲେ। ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜିଲା ସଂଯୋଜକ ପାଣ୍ଡବ କର୍ଣ୍ଣଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଗୋଲ ଟେବୁଲ ବୈଠକରେ ଯୋଗ ଦେଇ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଜୀରା ନଦୀରେ ସାମ୍ପ୍ରତିକ ସମସ୍ୟା ଓ ସଙ୍କଟ ବିଷୟରେ ଅବତାରଣା କରିବା ସହିତ ପ୍ରଦୂଷଣ, ଶୋଷଣ ଓ ଅତିକ୍ରମଣରୁ ନଦୀକୁ ମୁକ୍ତ କରିବା ପାଇଁ ବରଗଡ଼ବାସୀଙ୍କୁ ଆହ୍ୱାନ କରିଥିଲେ। ବରଗଡ଼ ବିଧାୟକ ଷଡ଼ଙ୍ଗୀ ଜୀରାନଦୀରେ ଆନିକଟ ନିର୍ମାଣର ପ୍ରସ୍ତାବ ଖୁବ ଶୀଘ୍ର ହେବ ବୋଲି ପ୍ରତିଶ୍ରୁତି ଦେବା ସହିତ ନଦୀର ପୁନରୁଦ୍ଧାର ପାଇଁ ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି କହିଥିଲେ । ବରଗଡ଼ରେ ଥିବା ଜଳାଶୟ ଗୁଡିକ ଏବେ ପୋତି ହୋଇଗଲାଣି ଓ ଅନେକ ଜମି ମାଫିଆମାନଙ୍କ କବଜାକୁ ଚାଲି ଗଲାଣି । ସେସବୁର ପୁନରୁଦ୍ଧାର ପାଇଁ ସେ ସମସ୍ତ ପ୍ରକାରର ପ୍ରଚେଷ୍ଟା କରିବେ ବୋଲି ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ। ପୌର ପରିଷଦର ଅଧ୍ୟକ୍ଷା ମାଝୀ ସହରର ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜୀରା ନଦୀ ଛତିଶଗଡ଼ରୁ ବାହାରି ୧୬୪ କି.ମି ଧରି ପ୍ରବାହିତ ହୋଇ ମହାନଦୀରେ ମିଶିଛି। ଏହାର ଅବବାହିକା ୫୬୮୫ ବର୍ଗ କି. ମି। ଜୀରାନଦୀକୁ ପୁନରୁଦ୍ଧାର କରି ଏହାକୁ ଆଗାମୀ ପୀଢ଼ି ପାଇଁ ସୁରକ୍ଷିତ ରଖିବା ପାଇଁ ଏହାର ଅବବାହିକାର ସ୍ୱାସ୍ଥ୍ୟ ଓ ପରିବେଶକୁ ସୁସ୍ଥ ରଖିବା ଦରକାର। ସେଥିପାଇଁ ଅବବାହିକାରେ ଜଳ ସଂରକ୍ଷଣ ସହିତ ବ୍ୟାପକ ବୃକ୍ଷରୋପଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯିବା ସହିତ ଏ ନେଇ ବିହିତ ପଦକ୍ଷେପ ନେବା ପାଇଁ ବୈଠକରେ ସରକାରଙ୍କୁ ନିବେଦନ କରାଯାଇଥିଲା । ସେହିପରି ସହରର ପ୍ରଦୂଷିତ ପାଣିକୁ ନଦୀକୁ ସିଧସଳଖ ଭାବରେ ନ ଛାଡ଼ି ଏସଟିପି ଦ୍ୱାରା ବିଶୋଧନ କରି ଛାଡ଼ିବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା । ନଦୀରୁ ବାଲି ଉତ୍ତୋଳନ ବନ୍ଦ କରିବା ସହିତ ନଦୀ ପଠା ଓ ଶଯ୍ୟାକୁ ଜବର ଦଖଲରୁ ମୁକ୍ତ କରିବା ପାଇଁ ମଧ୍ୟ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା । ବୈଠକରେ ଦୟା ନଦୀ ସୁରକ୍ଷା ଅଭିଯାନର ଆବାହକ ସଚ୍ଚିକାନ୍ତ ପ୍ରଧାନଙ୍କ ସମେତ ଉପସ୍ଥିତ ବୁଦ୍ଧିଜୀବୀ ଯୋଗ ଦେଇ ସେମାନଙ୍କ ମତାମତ ରଖିଥିଲେ । ବୈଠକରେ ଡା. ରାମକୃଷ୍ଣ ପୁରୋହିତ, ହରଦିପ ସିଂ, ମନୋରଞ୍ଜନ ସାହୁ, କବି ନୀତିଶ ଆଚାର୍ଯ୍ୟ, ଦେବେନ୍ଦ୍ର ସାହୁ, ହୃଷୀକେଶ ଭୋଇ, ରଞ୍ଜନ ଦେବତା, ରମାକାନ୍ତ ରାଉତ, ଅଭିମନ୍ୟୁ ପଧାନ, ଲିପସିତ୍ ମିଶ୍ର, ମହେନ୍ଦ୍ର ସାହୁ, ଲଲାଟେନ୍ଦୁ ଦାଶ, ବଦ୍ରି ପ୍ରସାଦ ସାହୁ, ସୁନୀତା ବାଗ, ବାସମତି ବଞ୍ଜୋର୍, ପ୍ରିତମ ସିଂ, ଅନନ୍ତ ଶୟନ ପାଢ଼ୀ, ଗୁରୁବାରି ଭୁଏ, ରାଜେଶ ସରାଫ, ସରୋଜ ମହାପାତ୍ର, ଡୋଲାମଣି ଶତପଥୀ, ଅଶୋକ ବାରିକ, ବିଜୟ ମିଶ୍ର, ମାମି ମିଶ୍ର, ସୁରେଶ ଦାସ, ଦେବୀ ପଟ୍ଟନାୟକ, ରାଜେନ୍ଦ୍ର ସିକନ୍ଦର, ବିଙ୍କି ମଟାରି, ସଚ୍ଚିକାନ୍ତ ପଧାନ, ସଂଘମିତ୍ରା ପଟେଲ, ପଦ୍ମିନୀ ପଧାନ, ବିରେନ ପଧାନ, ଅଶୋକ ପଶାୟତ, ମାରିଅମ ବାର୍ଲା, ସମୀର କୁମାର ପଧାନ, ରାମ ବିଶାଳ, ରମଣି ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ମତ ରଖିଥିଲେ। ଶେଷରେ ଚାଷୀ ନେତା କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସ୍ୱଲାଖ ବିନ୍ଧ୍ୟଗିରିବାସୀ ବିଞ୍ଝାଲ ସମାଜ ବୈଠକ

ପାଇକମାଳ,୨।୩(ବଡ଼ ଶତପର୍ଥୀ)

ସର୍ବ ଭାରତୀୟ ସ୍ୱଲାଖ ବିନ୍ଧ୍ୟଗିରିବାସୀ ବିଞ୍ଝାଲ ସମାଜର ଏକ ବୈଠକ ବରଗଡ଼ ଜିଲା ପାଇକମାଳ ନୃସିଂହନାଥ ମା ବିନ୍ଧ୍ୟବାସିନୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଇକମାଳ, ଝାରବନ୍ଧ ଓ ପଦ୍ମପୁର ବ୍ଲକର ବିଞ୍ଝାଲ ସମାଜର କର୍ମକର୍ତ୍ତାମାମଙ୍କୁ ନେଇ ଏହି ବୈଠକ ହୋଇଥିଲା। ସମାଜର ସଭାପତି ହୃଷିକେଶ ବରିହାଙ୍କ ଅଧ୍ୟକ୍ଷତାରେ ସଭାରେ ସମାଜର ସାଙ୍ଗଠନିକ ଅର୍ଥନୈତିକ ଶିକ୍ଷା ଓ ନିଶା ନିବାରଣ ଉପରେ ଆଲୋଚନା କରାଯିବା ସହିତ ଧନ୍ଦା ମୂଳକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ସଭାପତି ବରିହାଙ୍କୁ ଅନୁରୋଧ କରିଥିଲେ। ଆସନ୍ତା ଚୈତ୍ର ବାସନ୍ତିକ ପୂଜା ପାଇଁ ଆଲୋଚନା କରାଯାଇଥିଲା। ପାଇକମାଳ ବ୍ଲକ ସଭାପତି ପ୍ରେମାନନ୍ଦ ବରିହା, ଦେବରାଜ ବରିହା, ପଦ୍ମପୁର ବ୍ଲକ ସଭାପତି କରୁଣାକର ବରିହା, ଯୋନ ସଭାପତି ପ୍ରେମାନନ୍ଦ ବରିହା, ନିଳାଧର ଭୁଏ, ପୂର୍ଣ୍ଣମୀ ନେଗି, ଶାନ୍ତିଲାଲ ବରିହା, ମନହର ବରିହା, ନନ୍ଦଲାଲ ବରିହା, ଗିରିଶ ଚନ୍ଦ୍ର ମାଝି, ସମାରୁ ଅମରୀ, ଶ୍ୟାମ ବରିହା ପ୍ରମୁଖ ଉପସ୍ଥିତ ଥିଲେ ।

### ଖପ୍ରାଖୋଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବରଗଡ଼,୨।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଖପ୍ରାଖୋଲସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ବଳରାମ ଦରଦମେଘ ସଭାପତିତ୍ୱ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଲାଲମୋହନ ସିଂ, ମୋହନ ଚରଣ ମହାନ୍ତ, ଦ୍ୱାରୀ ବନପାଳ ବିଷ୍ଣୁଚରଣ ବିଶ୍ୱାଳ, ସିଆର୍‌ସିସି ପୁନିରାମ ଗଣ୍ଡ, ରାଧେଶ୍ୟାମ ବାରିକ ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ସ୍ୱର୍ଗତ ଶେଷଦେବ ଦାଶଙ୍କୁ ଅତିଥିବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶିକ୍ଷକ ଗୋବିନ୍ଦ ଭୁଏ ମଞ୍ଚ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ବିଦ୍ୟାଧର ପଶାୟତଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ବ୍ରିଜରୁ ଖସିପଡ଼ି ବାଇକ୍ ଚାଳକ ମୃତ

ପାଇକମାଳ,୨।୩(ବଡ଼ ଶତପଥି)

ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳରେ ରବିବାର ଏକ ବ୍ରିଜ୍‌ରୁ ଖସିପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ମୃତକ ହେଲେ ତୁଷାର ପାଣ୍ଡେ (୨୬)। ସ୍ଥାନୀୟ ଥାନା ସୋଢା ଗ୍ରାମକୁ ଶନିବାର ରାତ୍ରିରେ ଝାରବନ୍ଧ ବ୍ଲକ ସରଗୁଲ ଗ୍ରାମରୁ ଏକ ବରଯାତ୍ରୀ ପାର୍ଟି ଆସି ଥିଲେ। ରାତିରେ ବରଯାତ୍ରୀ ସାରି ଦୁଇଜଣ ସାଙ୍ଗ ନିଜ ବାଇକ ନଂ– ଓ ଡି ୨୬ଜି ୭୩୯୩ରେ ନିଜ ଘର ସରଗୁଲକୁ ଫେରୁ ଥିଲେ। ଫେରିଲା ବାଟରେ ଗୋଟିଏ ବ୍ରିଜର ପିଲରରେ ପିଟି ହୋଇ ବାଇକ ସହ ସାଙ୍ଗ ଦୁଇ ଜଣ ବ୍ରିଜ ତଳେ ପଡିଯାଇଥିଲେ। ଏହି ଦୁର୍ଘଟଣାରେ ତୁଷାରଙ୍କ ମୃତ୍ୟୁ ଘଟିଥିଲା। ପାଇକମାଳ ପୋଲିସ ଘଟଣାସ୍ଥଳକୁ ଯାଇ ନଂ. ୪୮/୨୫ରେ ମାମଲା ରୁଜୁ କରିଛି।

# ଏକଦିବସୀୟ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀ

ପଦ୍ମପୁର,୨।୩(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ମାରୱାଡି ଧର୍ମଶାଳାରେ ଏକ ଦିବସୀୟ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଶାଖା ଅଧ୍ୟକ୍ଷ ଅମରଦୀପ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ପାଦକ ବଜରଙ୍ଗ ଗର୍ଗ, ବରଗଡ଼ ଜିଲା ଶାଖା ସମ୍ପାଦକ ବିନୋଦ ଅଗ୍ରୱାଲ, ମଣ୍ଡଳ ଉପସଭାପତି କିଶନ ଲାଲ ଅଗ୍ରୱାଲ, କିଶୋର ଅଗ୍ରୱାଲ, ଗୋବିନ୍ଦ ରାମି ଅଗ୍ରୱାଲ, ସୁବାସ ଚନ୍ଦ ଅଗ୍ରୱାଲ, ଦିନେଶ ଅଗ୍ରୱାଲ, ମହିଳା ସମିତି ସଭାନେତ୍ରୀ କୃଷ୍ଣାଦେବୀ ଅଗ୍ରୱାଲ ଓ ଯୁବାମଞ୍ଚ ସଭାପତି ସୋମନାଥ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ଅତାବିରା ଶାଖା ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ଆଗଲପୁର ଶାଖା ଅଧ୍ୟକ୍ଷ ରାଧେଶ୍ୟାମ ଅଗ୍ରୱାଲ, ବରଗଡ଼ ଶାଖା ଅଧ୍ୟକ୍ଷ ଜଗଦୀଶ ଗୋଲପୁରିଆ, ବରପାଲି ଶାଖା ଅଧ୍ୟକ୍ଷ ପ୍ରଦୀପ କୁମାର ଅଗ୍ରୱାଲ, ଡୁଙ୍ଗୁରିପାଲି ଶାଖା ଅଧ୍ୟକ୍ଷ ବଜରଙ୍ଗ ଅଗ୍ରୱାଲ, ଝାରବନ୍ଧ ଶାଖା ଅଧ୍ୟକ୍ଷ ନନ୍ଦ କିଶୋର ଅଗ୍ରୱାଲ, ପାଇକମାଲ ଶାଖା ଅଧ୍ୟକ୍ଷ ଅନିଲ ଅଗ୍ରୱାଲ, ସୋହେଲା ଶାଖା ଅଧ୍ୟକ୍ଷ ଚନ୍ଦ କୁମାର ଅଗ୍ରୱାଲ, ସୋହେଲା ମହିଳା ଶାଖାର ଅନିଜ୍ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ପଦ୍ମପୁର ମାରୱାଡି ସମାଜର ସମ୍ପାଦକ ବଜରଙ୍ଗ ଗର୍କ ଧନ୍ୟବାଦ ଅର୍ପଣ କରିଥିଲେ। ମାରୱାଡି ମହିଳା ସମିତି ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀରେ ଅଧ୍ୟକ୍ଷ ଅମରଦୀପ ଅଗ୍ରୱାଲ ସମ୍ମାନିତ କରୁଛନ୍ତି।

## ପଦ୍ମପୁରରେ ନାହିଁ ସ୍ଥାୟୀ ବିଶ୍ରାମାଗାର, ଯାତ୍ରୀ ହଟହଟା

ପଦ୍ମପୁର,୨।୩(ପ୍ରଦୀପ୍ତ ଦାଶ)

ପଦ୍ମପୁର ସହର ଉପଖଣ୍ଡିୟ ମହକୁମା ହୋଇଥିବାରୁ ପ୍ରତି ଦିନ ଗ୍ରାମାଞ୍ଚଳରୁ ଶତାଧିକ ଲୋକେ ବିଭିନ୍ନ କାମରେ ଆସିଥାନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ଏକ ସ୍ଥାୟୀ ବିଶ୍ରାମାଗାର ବା ଯାତ୍ରୀ ପ୍ରତିକ୍ଷାଳୟ ନ ଥିବାରୁ ସେମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରତିଦିନ ଶହଶହ ଲୋକ ପଦ୍ମପୁର ମୁଖ୍ୟ ଛକ ଭେଉଁରିଆ ଛକରେ ବର୍ଷା ଓ ଖରାରେ ଛୁଆ ପିଲା ଧରି ବସ୍‌କୁ ଅପେକ୍ଷା କରିଥାନ୍ତି। ସେଠାରେ ପ୍ରତିକ୍ଷାଳୟ ନ ଥିବାରୁ ବାଧ୍ୟ ହୋଇ ଯାତ୍ରୀମାନେ ଦୋକାନ ପାଚେରୀ ତଥା ଉଠା ଦୋକାନୀଙ୍କ ପାଖରେ ଆଶ୍ରୟ ନେଇଥାନ୍ତି । ଏବେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି। ତେଣୁ ଏହି ଯାତ୍ରୀ ମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ପଦ୍ମପୁର ଛକରେ ଯାତ୍ରୀ ପ୍ରତିକ୍ଷାଳୟ ବ୍ୟବସ୍ଥା କରାଯିବ ପାଇଁ ସାଧାରଣରେ ଦାବି ହେଉଛି।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ



ଶୁଭସ୍ତମ୍ଭ ସ୍ଥାପନ ପାଇଁ କରାଯାଇଥିବା ଶୋଭାଯାତ୍ରା।

ସରଣ୍ଡା,୨।୩(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗାଠାରେ ନୂତନ ଭାବେ ତିଆରି ହୋଇଥିବା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ରବିବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ପଦ୍ମପାଣି ମହାପାତ୍ର ଶୁଭସ୍ତମ୍ଭକୁ ପୂଜାର୍ଚ୍ଚନା କଲାପରେ ତାକୁ ମହୁଖଣ୍ଡ, କର୍ଣ୍ଣପାଲି, କଳାମାଟି, ବାବୁବନ୍ଧ, ଘୁଡୁକାଟିକ୍ରା, ମାଉଳିଭାଗ, କୁଜାପାଲି, ଗଡ଼ତିଆପାଲି, ଗୋଡ଼ଭଗା, କେନ୍ଦୁପାଲି, ଲହଣ୍ଡା, ନିଲେଇପାଲି ଆଦି ଗ୍ରାମର ଶତାଧିକ ମହିଳା, ପୁରୁଷ ଏବଂ ଜଗନ୍ନାଥ ଭକ୍ତଗଣ ଏକ ଶୋଭାଯାତ୍ରାରେ ଗୋଡ଼ଭଗା ଚାରିପାଖରେ ପରିକ୍ରମା କରିଥିଲେ। ପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ସ୍ଥାନକୁ ଆଣି ପୁଣି ଥରେ ପୂଜାପାଠ କରି ଉକ୍ତ ସ୍ଥାନରେ ଶୁଭସ୍ତମ୍ଭକୁ ସ୍ଥାପନ କରିଥିଲେ। ଏଥିରେ ଡାକ୍ତର ଅନିଳ ମିଶ୍ର ଏବଂ ତାଙ୍କ ସ୍ତ୍ରୀ ଭଦ୍ରସୋମା ଗୁରୁ କର୍ତ୍ତାକର୍ତ୍ତ୍ରୀ ଦାଇତ୍ୱ ନିର୍ବାହ କରିଥିଲେ। ଶୋଭାଯାତ୍ରାରେ ବବୁବନ୍ଧର କୀର୍ତ୍ତନ ମଣ୍ଡଳୀ ଭଜନ କୀର୍ତ୍ତନ ପରିବେଷଣ କରିଥିବା ବେଳେ ସ୍ଥାନୀୟ ଗୋଡ଼ଭଗା ଅଞ୍ଚଳର ଘଣ୍ଟ ଶଙ୍ଖ ବାଦ୍ୟ ପରିବେଷଣ କରିଥିଲେ।

### ଶତାୟୁ ମହିଳାଙ୍କ ପରଲୋକ

ଅତାବିରା, ୨।୩(ହୃଷିକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ବୁଟ୍‌ବୁଗା ଗ୍ରାମର ଶତାୟୁ ମହିଳା ଇନ୍ଦୁ ଛନ୍ଦ(୧୦୧)ଙ୍କ ରବିବାର ଭୋରରୁ ତାଙ୍କ ବାସ ଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ତାଙ୍କ ଶେଷକୃତ୍ୟ ଗାଁ ଶ୍ମଶାନ ଘାଟରେ କରାଯାଇଥିଲା। ପୁଅ ଘନଶ୍ୟାମ ମୁଖାଗ୍ନୀ ନେଇଥିଲେ। ଏକମାତ୍ର କନ୍ୟା ସୁପ ଛନ୍ଦ, ପୁଅ ଘନଶ୍ୟାମ , ନାତି ସୁଧୀର, ସୁନୀଲ ତଥା ପରିବାରର ସମ୍ପର୍କୀୟମାନେ ଶେଷ ଦର୍ଶନ କରିଥିଲେ।

### ସିର୍ଜନା ମହୋତ୍ସବ ପ୍ରସ୍ତୁତି ବୈଠକ

ପଦ୍ମପୁର,୨।୩(ପ୍ରଦୀପ୍ତ ଦାଶ)

ସ୍ଥାନୀୟ କଚେରି ପରିସରରେ ଭୋଜରାଜ ବୁଡ଼େକଙ୍କ ଅଧ୍ୟକ୍ଷତାରେ ରବିବାର ସିର୍ଜନା ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆସନ୍ତା ଏପ୍ରିଲ ୩ ତାରିଖରେ ଭେଉଁରିଆ ଗ୍ରାମରେ ହେବ ବୋଲି ସ୍ଥିର କରାଯାଇଥିଲା। ଉକ୍ତ ଦିନ କବିତାପାଠ, ଆଲୋଚନାଚକ୍ର, ନୃତ୍ୟ, ନାଟକ କରାଯିବ ବୋଲି ଆଲୋଚନା ହୋଇଥିଲା। ନିରଞ୍ଜନ ପଟେଲଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଥିଲା। ବୈଠକରେ ପ୍ରମୋଦ ଚନ୍ଦ୍ର ନାଥ, ଡ. ଅବନୀ କାନ୍ତସାହୁ, ସୁବାସ ଚନ୍ଦ୍ର ସାହୁ, ସୁଶ୍ରୀ ରଞ୍ଜୁଲତା ସାହୁ, ସନାତନ ବାରିକ, କୁଞ୍ଜବିହାରୀ ସରାଫ ଓ ଗଦାଧର ନିଆଲ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ଅବନୀ କାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିପଟାକୁ ହରାଇ ମାଣ୍ଡୋସିଲ୍ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳ।

**ମାଣ୍ଡୋସିଲ୍ କ୍ରିକେଟ କପ୍ ଉଦ୍‌ଯାପିତ**

ପାଇକମାଳ,୨।୩(ବଡ଼ ଶତପଥି)

ପାଇକମାଳ ବ୍ଲକ ମାଣ୍ଡୋସିଲ୍ ବଡ଼ ଖେଳ ପଡ଼ିଆରେ ଚାଲିଥିବା ମାଣ୍ଡୋସିଲ କ୍ରିକେଟ କପରେ ରବିବାର ଦୁଇଟି ସେମିଫାଇନାଲ ସମେତ ଫାଇନାଲ ମ୍ୟାଚ ଖେଳାଯାଇଛି। ପ୍ରଥମ ସେମିଫାଇନାଲ ଝିଟିକିକୁ ହରାଇ ମାଣ୍ଡୋସିଲ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ କଲୋନୀପଡ଼ାକୁ ହରାଇ ବାଲିପଟା ଫାଇନାଲରେ ପ୍ରବେଶ କରିଥିଲା। ମାଣ୍ଡୋସିଲ ଓ ବାଲିପଟା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମାଣ୍ଡୋସିଲ ଚାମ୍ପିୟାନ ହୋଇଛି। ଦେବସିଂ ଭରାସାଗର ଓ ବିଭରଞ୍ଜନ ସାହୁ ଖେଳ ପରିଚାଳନା କରିଥିଲେ। ବିଜୁ ବରିହା ଓ ଦୁଃଖିଶ୍ୟାମ ସରିଆ ସ୍କୋରର ଥିବା ବେଳେ ପୁଷ୍ପକାନ୍ତ ସାହୁ ଓ ପିଣ୍ଟୁ ଉନସନା ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ମାଣ୍ଡୋସିଲ ସରପଞ୍ଚ ଓମ ପ୍ରକାଶ ନାୟକ ଓ ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ଗୁଲାମ ରସୁଲ ରଙ୍ଗରେଜ, ବିଶିଷ୍ଟ ସାମାଜିକ କର୍ମୀ ମହେନ୍ଦ୍ର କୁମାର ଖୁଣ୍ଟିଆ, ରାଜୀବ ଲୋଚନ ସାହୁ, ରଷଦେବ ରଣା, ମହେନ୍ଦ୍ର ଶବର, ଉଗ୍ରସେନ ପ୍ରଧାନ, ସୁଜିତ କୁମାର ପ୍ରମୁଖ ଯୋଗଦେଇ ଚମ୍ପିୟାନ ଓ ରନର୍ସ ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ନିର୍ମଳ ନାୟକ ଓ ମ୍ୟାନ ଅଫ ସିରିଜ ଆକାଶ ଚନ୍ଦନ, ଶ୍ରେଷ୍ଠ ବୋଲର ଅଶୋକ ରଣା, ଶ୍ରେଷ୍ଠ କିପର ନରେଶ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅନିଲ ଦାସ, ଗୋକୁଳ ବିଶ୍ୱାଳ, ନରେଶ ବିଶ୍ୱାଳ, ହେମାନନ୍ଦ ବିଶ୍ୱାଳ, ମାନସ ନାୟକ, ମହେଶ ଚନ୍ଦ୍ର ନାୟକ, ସୁରେନ୍ଦ୍ର ପୁଟା, ସୁରେଶ ବିଶ୍ୱାଳ, ବିକାଶ ବିଶ୍ୱାଳ, ମନୋରଞ୍ଜନ ମଲ୍ଲିକ ପ୍ରମୁଖ ପରିଚାଳନା ସହଯୋଗ କରିଥିଲେ।

# ଖୁଣ୍ଟପାଲି ବିଦ୍ୟାଳୟର ବାର୍ଷିକ ଉତ୍ସବ

ବରଗଡ଼, ୨।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲିସ୍ଥିତ ସରକାରୀ ପ୍ରାଥମିକ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନ ମୁଖ୍ୟଅତିଥି, ସିଆରସିସି ନାରାୟଣ ନାଗ, ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ସାହୁ, ସାମାଜିକ କର୍ମୀ ସୀତାରାମ ଗଡ଼ତିଆ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷୟିତ୍ରୀ ସରସ୍ୱତୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପରିଚାଳନା କମିଟିର ଚେୟାରମ୍ୟାନ ମନୋରଞ୍ଜନ ମେହେରଙ୍କ ସମେତ ରସିକ ମେହେର, ଦିଲୀପ ଭୋଇ, ଶେଷଦେବ ଭୋଇ, କୃପାସିନ୍ଧୁ ଭୋଇ, ସୁଜାତା ମାଝି, ରୀନା ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଦିବାକର ମାଝି ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀ ଶେୟଲ ଶିବନ୍ୟା ଭୋଇ ଏବଂ ଜାହ୍ନବୀ ଭୋଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବିଦ୍ୟାଳୟର ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।



ଖୁଣ୍ଟପାଲି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ନିଷ୍ଠା ପରିବାର ସ୍ଥାନିତ

ବରଗଡ,୨।୩(ପ୍ରେମାନନ୍ଦ ଖମାରୀ)




ନିଷ୍ଠା ପରିବାରକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ସମ୍ମାନ ପ୍ରଦାନ କରାଯାଉଛି।

ବରଗଡ଼ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ଗତ ଜାନୁୟାରୀ ମାସ ୧ତାରିଖରୁ ଫେବୃଆରୀ ମାସ ୨୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫୧ଦିନ ଧରି ରେଡଡ୍ରପ ଅଲଟ୍ରା ମାରାଥନ ଅଭିଯାନରେ ରକ୍ତଦାନ ଶିବିର କରି ଇତିହାସ ରଚିଛି। କ୍ରମାଗତ ୫୧ଦିନ ଧରି ଅନୁଷ୍ଠିତ ଶିବିରରେ ୨୭୭୨ୟୁନିଟ ରକ୍ତ ସଂଗ୍ରହ କରିଥିବାରୁ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ନିଷ୍ଠା ପରିବାର ସ୍ଥାନ ପାଇଛି। ଏହି ଅବସରରେ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ରବିବାର ଏକ ସମାରୋହ ହୋଇଥିଲା। ସମାରୋହରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସ ଅନୁଷ୍ଠାନର କ୍ରୀଷ୍ଣ କୁମାର ଗୁପ୍ତା ସ୍ୱତନ୍ତ୍ର ଅତିଥି, ବରଗଡ଼ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ବରଗଡ଼ ରକ୍ତ ଭଣ୍ଡାର ଅଧିକାରୀ ସୁଶାନ୍ତ କର, ଡି.ପି.ଏମ ଗିରିଜା ଶଙ୍କର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ନିଷ୍ଠା ପରିବାରର ଉପ ସଭାପତି ମଦନ ମୋହନ ଦାଶଙ୍କ ସଂଯୋଜନା ଓ ସଭାପତି ରକ୍ଷପାଲ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନିଷ୍ଠାର ସମ୍ପାଦକ ଲୋକନାଥ ସାହୁ ବିବରଣୀ ପାଠ ଓ ଅନ୍ୟତମ ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥଲେ। ସଭା ଆରମ୍ଭର ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସ ଅନୁଷ୍ଠାନର କ୍ରୀଷ୍ଣ କୁମାର ଗୁପ୍ତା ଇଣ୍ଡିଆବୁକ୍ ଅଫ ରେକର୍ଡରେ ନିଷ୍ଠା ପରିବାର ସ୍ଥାନ ପାଇଛି ବୋଲି ଘୋଷଣା କରିଥିଲେ। ଉପଦେଷ୍ଟା ସଚି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ନିଷ୍ଠା ପରିବାରର ପ୍ରତ୍ୟେକ ସହଯୋଗୀ ସଂଗଠନମାନଙ୍କୁ ଉତ୍ତରୀୟ ଓ ପ୍ରଶଂସା ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ ରକ୍ତ ଭଣ୍ଡାର ତରଫରୁ ନିଷ୍ଠା ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନିଷ୍ଠା ପରିବାର ତରଫରୁ ବରଗଡ଼, ବୁର୍ଲା, ସମ୍ବଲପୁର ଓ ପଦମପୁର ରକ୍ତ ଭଣ୍ଡାର ସହ ନିଷ୍ଠାର ମହିଳା ସଦସ୍ୟାଙ୍କ ମାଁ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବରଗଡ଼ ସ୍ୱେଚ୍ଛାସେବୀ ସଂଗଠନ ସଂକଳ୍ପ ପରିବାର, ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ, ସେବା ଫାଉଣ୍ଡେସନ, ଆନନ୍ଦ ସେବା ସଦନ, କୋଶଳ ଡିଫେନ୍ସ ଏକାଡେମୀ, ବରଗଡ଼ ଫିଜିକାଲ ଏକାଡେମୀ, ଇଗଲ ସୋସିଆଲ ଗ୍ରୁପ, ଦୃଷ୍ଟି ଓ ସମ୍ବଲପୁରର ସମ୍ବଳ, ପରିଚୟ, ଶିକ୍ଷା, ପଦମପୁରର ସହଯୋଗ ଅନୁଷ୍ଠାନ, କୋଶଳ ସଂଗ୍ରାମୀ ଅର୍ପଣ ଦାଶ ନାୟକ, ରମଣୀ ଦନ୍ତା ପ୍ରମୁଖ ଯୋଗ ଦେଇଥିଲେ। ନିଷ୍ଠା ପରିବାରର ସମ୍ପାଦକ ଲୋକନାଥ ସାହୁଙ୍କ ଧନ୍ୟବାଦ ଅର୍ପଣ ପରେ ସାନ ନୃତ୍ୟ ଏକାଡେମୀ ଦ୍ୱାରା କୁନି କୁନି ଛାତ୍ରୀ ମାନଙ୍କ ଦ୍ୱାରା ଏକ ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରଯାଇଥିଲା। ଏହି ଐତିହାସିକ ଦିନକୁ ସ୍ମରଣୀୟ କରିବା ପାଇଁ ବରଗଡ଼ ରାମ ମନ୍ଦିର ଠାରେ ସରଧାପାଲିର ନଳିନୀ ଓ ଗୁଣ ନିଧି ସୁନାଙ୍କ ଶିଶୁ କନ୍ୟା ଗୀତାଂଶିର ଶୁଭ ଅନ୍ନ ପ୍ରାଶନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରୁ ବରଗଡ଼ ରକ୍ତ ଭଣ୍ଡାର ଦାରା ସର୍ବମୋଟ ୩୨ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ତୁଷାରକାନ୍ତ ମିଶ୍ର, ନିଷ୍ଠା ପରିବାରର ଦୟାନିଧୀ ଷଡଙ୍ଗୀ ଓ ଜୟି ମଙ୍ଗଳ ପ୍ରଧାନ ସୁପରିଚାଳନା କରିଥିଲେ।

**ସଂକ୍ଷେପରେ**

## ବ୍ରଜରାଜନଗର ପୌର ଅଧ୍ୟକ୍ଷା ଅନାସ୍ଥାରେ ହାରିଲେ

**ଝାରସୁଗୁଡ଼ା, ୨।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରଅଧ୍ୟକ୍ଷା ଯାଜ୍ଞସେନୀ ଓରାମ ଅନାସ୍ଥା ଭୋଟରେ ହାରି ନିଜର ପଦ ହରାଇଛନ୍ତି। ଅନାସ୍ଥା ଭୋଟ ଘଟଣାରେ ଯାଜ୍ଞସେନୀ ହାଇକୋର୍ଟ ଦ୍ୱାରସ୍ଥ ହେବା ପରେ ଅନାସ୍ଥା ଭୋଟ ଫଳାଫଳ ଘୋଷଣା କରିବାକୁ ସ୍ଥଗିତ କରିବା ନିଷ୍ପତ୍ତି ଦେଇଥିଲେ ହାଇକୋର୍ଟ। ଏହାପରେ ଶନିବାର ପୌରାଧ୍ୟକ୍ଷା ଯାଜ୍ଞସେନୀଙ୍କ ଆବେଦନ ହାଇକୋର୍ଟ ଖାରଜ କରିବା ପରେ ଅନାସ୍ଥା ଭୋଟ ଗଣତି କରାଯାଇଛି। ଏଥିରେ ପୌରାଧ୍ୟକ୍ଷା ହାରିବା ସହିତ ନିଜ ପଦ ହରାଇଛନ୍ତି। ଗତ ଜାନୁୟାରୀ ୧୫ରେ ହୋଇଥିବା ଅନାସ୍ଥା ଭୋଟରେ ୨୩ ଜଣ କାଉନସିଲର ଭୋଟ ଦେଇଥିଲେ। ଏଥିରେ ଯାଜ୍ଞସେନୀଙ୍କ ବିପକ୍ଷରେ ୨୨ଟି ଭୋଟ ପଡ଼ିଥିବାବେଳେ ସପକ୍ଷରେ ୧ଟି ଭୋଟ ପଡ଼ିଥିଲା।

## ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ

**ଦେବଗଡ଼, ୨।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ବିଜୁ ଜନତା ଦଳ(ବିଜେଡି)ର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ତୃଣମୂଳସ୍ତରରେ ସଙ୍ଗଠନକୁ କିଭଳି ମଜଭୁତ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ରବିବାର ସନ୍ଧ୍ୟା ଯାଏଁ ବଡଛାପଲ, ଛେପିଲିପାଲି, କଲଣ୍ଡା ଏବଂ ବଣିଆକିଲିଣ୍ଡା ପଞ୍ଚାୟତରେ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ବିଜେଡିର ବହୁ ନେତା ଓ କର୍ମୀ ସାମିଲ ହୋଇ ପଞ୍ଚାୟତସ୍ତରରୁ ଦଳର ସଙ୍ଗଠନ କିଭଳି ସୁଦୃଢ କରାଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ। ସଙ୍ଗଠନ ବୃଦ୍ଧି ପାଇଁ ଦଳୀୟ କର୍ମୀଙ୍କୁ ବିଧାୟକ ପରାମର୍ଶ ଦେଇଥିବା ଜଣାପଡ଼ିଛି।

## କୁଣ୍ଢେଇଗୋଲା ଥାନାରେ ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ଦେବଗଡ଼, ୨।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନାରେ ନୂତନ ଥାନା ଅଧିକାରୀ ଭାବେ ଜୋହନ କୁଜୁର ରବିବାର ଯୋଗଦେବା ସହିତ ଦାୟିତ୍ୱ ଗ୍ରହଣ କରିଛନ୍ତି। କୁଜୁରଙ୍କ ଯୋଗଦାନ ପରେ କୁଣ୍ଢେଇଗୋଲା ଥାନାରେ ତାଙ୍କୁ ସ୍ୱାଗତ କରାଯାଇଛି। ଜୋହନ ପୂର୍ବରୁ କେନ୍ଦୁଝର ଜିଲା ପୋଲିସରେ ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେ ଯୋଗ ଦେବା ପରେ କୁଣ୍ଢେଇଗୋଲା ଥାନା ଅଞ୍ଚଳର ଅପରାଧକୁ ରୋକିବା ସହିତ ଅପରାଧିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନା ଯୋଗ୍ୟ ଯେ, କୁଣ୍ଢେଇଗୋଲା ଥାନା ଅଧିକାରିଣୀ ସରସ୍ୱତୀ ଟୁଡୁଙ୍କ ବଦଳି ପରେ ଗତ କିଛି ଦିନ ହେଲା ଥାନା ଅଧିକାରୀଙ୍କ ପଦବୀ ଖାଲିପଡ଼ିଥିଲା।



## ସ୍ୱର୍ଗତ ଅଚ୍ୟୁତାନନ୍ଦ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଝାରସୁଗୁଡ଼ା, ୨।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌର ପରିଷଦ ୱାର୍ଡ ନମ୍ବର ୧୩ ସାନଯୋବରେ ପ୍ରସିଦ୍ଧ ସଙ୍କୀର୍ତ୍ତନ୍ୟ ଗୁରୁ ଅଚ୍ୟୁତାନନ୍ଦ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଶ୍ରଦ୍ଧାଞ୍ଜଳି ସଭାରେ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ଼, ଛତିଶଗଡ଼ରୁ ଶତାଧିକ ଲୋକେ ଯୋଗଦେଇ ସ୍ୱର୍ଗତ ଅଚ୍ୟୁତାନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ତାଙ୍କର ସ୍ମୃତିଚାରଣ କରିଛନ୍ତି। ସ୍ୱର୍ଗତ ଅଚ୍ୟୁତାନନ୍ଦ ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଥିଲେ। ପ୍ରସିଦ୍ଧ ପାଲା ଗାୟକ, ଯାତ୍ରା କଳାକାର, ସଙ୍କୀର୍ତ୍ତନ ଗୁରୁ ଏବଂ ଜଣେ ସାମାଜିକ କର୍ମୀ ଭାବେ ସେ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିର୍ମାଣ ପାଇଁ ସେ ଜମି ଦାନ କରିବା ସହ ଏହାର ମୁଖ୍ୟ ପୁରୋଧା ଥିଲେ। ଅଞ୍ଚଳରେ ଶିକ୍ଷା, ସମାନତା, ଧାର୍ମିକ ଚେତନା ଆଦି ବିଷୟରେ ଲୋକଙ୍କ ଅବଗତ କରି ସଦାସର୍ବଦା ସଦ ମାର୍ଗରେ ଚଳିବା ପାଇଁ ସେ ଉପଦେଶ ଦେଉଥିଲେ। ୯୩ ବର୍ଷ ବୟସରେ ତାଙ୍କ ବିୟୋଗ କେବଳ ସାନଯୋବ ନୁହେଁ ବ୍ରଜରାଜନଗର ତଥା ଝାରସୁଗୁଡ଼ା ଜିଲା ପାଇଁ ଅପୂରଣୀୟ କ୍ଷତି ବୋଲି ଉପସ୍ଥିତ ଲୋକେ ପ୍ରକାଶ କରିଛନ୍ତି।

# ପ୍ରତିପାଳନ ଯତ୍ନ, ଶିଶୁ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ

**ଦେବଗଡ଼, ୨।୩(ଶଶାଙ୍କ ଶେଖର ଝାଙ୍କର)**




କର୍ମଶାଳାରେ ମଞ୍ଚାସୀନ ଅତିଥି।

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ଶିଶୁ ସୁରକ୍ଷା ୟୁନିଟ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶିଶୁ ସୁରକ୍ଷା ଓ ପ୍ରତିପାଳନ ଯତ୍ନ (ଫୋଷ୍ଟର କେୟାର) ସମ୍ପର୍କିତ ଏକ ଜିଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ସମ୍ପୃକ୍ତ ଶିଶୁ ବିକାଶ ପ୍ରକଳ୍ପର କର୍ମକର୍ତ୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିତା, ସିଏସ୍‌ଡିଆର୍, ସିଡି, ଡ୍ରିମ ସେଣ୍ଟର, ସପୋର୍ଟର ପ୍ରତିନିଧିମାନେ, ମହିଳା ସ୍ୱୟଂ ସହାୟତା ମହାସଙ୍ଘର ସଦସ୍ୟା, ଓଡ଼ିଶା ଜୀବିକା ମିଶନ କର୍ମକର୍ତ୍ତା ଓ ସରପଞ୍ଚମାନେ ଯୋଗଦେଇ ଅବହେଳିତ ଶିଶୁମାନଙ୍କ ଗୋଷ୍ଠୀ ଭିତ୍ତିକ ଯତ୍ନ ଓ ସୁରକ୍ଷା ନିମନ୍ତେ ପ୍ରତିପାଳନ ଯତ୍ନ (ଫୋଷ୍ଟର କେୟାର) ବ୍ୟବସ୍ଥା ସମ୍ପର୍କରେ ତାଲିମ ନେଇଥିଲେ। ଏହି କର୍ମଶାଳାରେ ଭୁବନେଶ୍ୱର ୱାସିଡିଏର ପ୍ରୋଗ୍ରାମ ଡାଇରେକ୍ଟର ଅରୁଣ କୁମାର ପ୍ରଧାନ ତାଲିମଦାତା ଭାବେ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ପିଙ୍କିରାଣୀ ନନ୍ଦ ଓ ନିମନ୍ତ୍ରିତ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଓଡ଼ିଶା ଜୀବିକା ମିଶନର ଜିଲା ଅଧିକାରୀ ଶିଶିର ଷଡଙ୍ଗୀ, ସିଡିପିଓ ଲିଲୀ ପ୍ରଧାନ, ବନ୍ଦିତା ରାଉତରାୟ, ସୁପ୍ରଭା ମିଶ୍ର ଓ ଆକ୍ସନଆଡ ଜିଲା ପରାମର୍ଶ ଦାତା ବିରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରତିପାଳନ ଯତ୍ନ ଓ ଶିଶୁ ସୁରକ୍ଷା ବ୍ୟବସ୍ଥା ଗୁରୁତ୍ୱ ଦେଇଥିଲେ। ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା କର୍ମଶାଳା ବିଭାଗୀୟ କର୍ମକର୍ତ୍ତା କ୍ରାନ୍ତି ମଞ୍ଜରି ଧାଉନଳିଆ, ଲିଙ୍ଗରାଜ ପ୍ରଧାନ, ଗଗନ ବିଶ୍ୱାଳ, ଲିପୁନ ବଣିଚୂଳ, ସୂର୍ଯ୍ୟକାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

**ଶିଶୁ ସୁରକ୍ଷା ଓ ପ୍ରତିପାଳନ ଯତ୍ନ ସମ୍ପର୍କିତ କର୍ମଶାଳା**

## ସାଗରପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଝାରସୁଗୁଡ଼ା, ୨।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସାଗରପାଲି ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ୬୭ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି। ଏହିଅବସରରେ ଛାତ୍ରୀଛାତ୍ରମାନେ ନୃତ୍ୟଗୀତ ପରିବେଷଣ କରିଛନ୍ତି। ଛାତ୍ରୀଛାତ୍ରମାନଙ୍କ ପ୍ରତିଭାର ବିକାଶ ସହ ଶିକ୍ଷାର ବିକାଶ ବ୍ୟବସ୍ଥାରେ ରାଜ୍ୟ ସରକାରଙ୍କ ବର୍ତ୍ତମାନର ଆଭିମୁଖ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଛନ୍ତି। ଏହାସହ ଭଲ ଭାବେ ପାଠପଢି ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଉତ୍ସବରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ଭୋଇ, ଶିକ୍ଷକ ମନୋଜ କୁଅଁର, ପୂର୍ବତନ ଶିକ୍ଷକ ନିରଞ୍ଜନ ଡ଼ନସନା, ବିଦ୍ୟାଳୟର ପୂର୍ବତନ ଚେୟାରମ୍ୟାନ ପୁରନ୍ଦର ପ୍ରଧାନ, ବିଦ୍ୟାଳୟ ଚେୟାରମ୍ୟାନ ମଞ୍ଜୁଲତା ମୁଣ୍ଡା, ଅଙ୍ଗନୱାଡି କର୍ମୀ କମଳା ଅଡା ପ୍ରମୁଖଙ୍କ ସହ ଗ୍ରାମର ଜଗଦିଶ ପ୍ରଧାନ, ଓକିଲ ନାରଙ୍ଗ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।




ବାର୍ଷିକ ଉତ୍ସବରେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଅଣଧାନ ଶସ୍ୟଜାତୀୟ ବ୍ୟଞ୍ଜନ ପ୍ରଦର୍ଶନୀ ମେଳା

**ଝାରସୁଗୁଡ଼ା, ୨।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅତାବିରା ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁମର ଗ୍ରାମ କଲ୍ୟାଣ ମଣ୍ଡପ ପରିସରରେ ଶନିବାର ଫସଲ ବିବିଧିକରଣ ପ୍ରକଳ୍ପ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଏସ୍‌ଡିଆର୍ ଦେଓଗଡ଼ ପକ୍ଷରୁ ଅଣଧାନ ଶସ୍ୟ ଜାତୀୟ ବ୍ୟଞ୍ଜନ ମେଳା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟ ଯୋଜନା ଅଧିକାରୀ ଲିଙ୍ଗରାଜ ପଧାନ, କୋଲାବିରା ସହକାରୀ କୃଷି ଅଧିକାରୀ ହେମନ୍ତ ପ୍ରସାଦ ଦଲେଇ, ଜିଲାସ୍ତରୀୟ ପରିଚାଳକ ଲୋକନାଥ ଉର୍ମା, ଲଖନପୁର ବ୍ଲକ କୃଷି ଅଧିକାରୀ ସୀମା ଟେଟେ, ସହକାରୀ କୃଷି ଅଧିକାରୀ ବିଦ୍ୟାଶ୍ରୀ ତ୍ରିପାଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଏସ୍‌ଡିଆର୍ ଅଧ୍ୟକ୍ଷ ଜଗନ୍ନାଥ ପଣ୍ଡା, ବ୍ଲକ ଉଦ୍ୟାନ କୃଷି ଅଧିଦର୍ଶକ ଶ୍ରଦ୍ଧାକର ଭୋଇ ଯୋଗଦାନ କରି ଅଣଧାନ ଜାତୀୟ ଖାଦ୍ୟ ଶସ୍ୟର ଚାଷ ପ୍ରଣାଳୀ ଓ ଗୁଣବତ୍ତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମା' ସୁଭଦ୍ରା, ମା' ତୁଳସୀ, ମା' ଧରିତ୍ରୀ, ମା' ବୈଷ୍ଣବୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଅଣ-ଧାନ ଜାତୀୟ ଶସ୍ୟରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରଦର୍ଶିତ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଏସ୍‌ଡିଆର୍ ସମ୍ପାଦିକା ରିତାରାଣୀ ରାଉତ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଭିକମପାଲି କୃଷି ଅଧୀଦର୍ଶିକା ଗୋପିକା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃଷକ ସାଥି, ୱାର୍ଡ ମେମ୍ବର, କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଅଂଶଗ୍ରହଣ କରିଥିବା ବେଳେ ସିଏସ୍‌ଡିଆର୍ ଅନୁଷ୍ଠାନ ବ୍ଲକ ସଂଯୋଜକ ଜୟଦେବ ସେଠୀଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



ମେଳାରେ ଅଣଧାନ ଶସ୍ୟ ଜନିତ ବ୍ୟଞ୍ଜନ ପ୍ରଦର୍ଶିତ କରାଯାଉଛି।

## ନୂଆ ଆଶା ସ୍ୱେଚ୍ଛାସେବୀ ସଙ୍ଗଠନର ସାଙ୍ଗଠନିକ ବୈଠକ

**ଝାରସୁଗୁଡ଼ା, ୨।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବନ୍ଧବାହାଲ କଲ୍ୟାଣ ମଣ୍ଡପଠାରେ ନୂଆ ଆଶା ସ୍ୱେଚ୍ଛାସେବୀ ସଙ୍ଗଠନର ସାଙ୍ଗଠନିକ ବୈଠକ ରବିବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ରୀନା କଣ୍ଡାଙ୍କ ଅଧ୍ୟକ୍ଷତାରେ ବୈଠକରେ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆଲୋଚନା କରାଯାଇଥିଲା। ସମାଜ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନେବାକୁ ସ୍ଥିର ହୋଇଥିଲା। ଆଗକୁ ଗ୍ରୀଷ୍ମ ମାସ ଥିବାରୁ ଲୋକଙ୍କୁ ସଚେତନତା କରିବା ସହ ଆସନ୍ତା ଏପ୍ରିଲ ୨୫ ତାରିଖ ଆମକୋ ସିମକୋ ଶହୀଦ ଦିବସ ଅବସରରେ ରକ୍ତଦାନ ଶିବିର ଆୟୋଜନ କରାଯିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ବୈଠକରେ ସମ୍ପାଦକ ଅନିତା କାଲୋ, ସାଧାରଣ ସମ୍ପାଦକ କେଶବ ଗହୀର, ସହ ସଂସ୍ଥାପକ ନେତ୍ରାନନ୍ଦ ସାହୁ ପ୍ରମୁଖ ନିଜର ମତାମତ ଦେଇଥିଲେ। ବୈଠକରେ ଜ୍ୟୋତ୍ସ୍ନା ସା, ମୁକେଶ ବାଗ, ପ୍ରଦ୍ୟୁମ୍ନ ଧାନୀ, ଧରଣୀ ରୋହୀଦାସ, ସର୍ବେସ ପଧାନ, ଗଙ୍ଗାଧର ସିଂ ପ୍ରମୁଖ ସାମିଲ ହୋଇଥିଲେ।

# ଲୋକଙ୍କ ଅଭିଯୋଗ ଶୁଣିଲେ ବିଧାୟକ

**ଦେବଗଡ଼, ୨।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ସଦର ମହକୁମାରେ ରବିବାର ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ୧୮ଟି ଅଭିଯୋଗ ଗ୍ରହଣ କରିବା ସହିତ ତୁରନ୍ତ ତର୍ଜମା କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ରାସ୍ତା ନିର୍ମାଣ, ନୂତନ ନଳକୂପ, ପାନୀୟଜଳ, ବିଦ୍ୟୁତ୍ ଆଦି ସମସ୍ୟା ନେଇ ଜନସାଧାରଣ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ବିଶ୍ୱାଳ ଲୋକଙ୍କଠାରୁ ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଫୋନରେ କଥା ହୋଇ ଅନେକ ଅଭିଯୋଗ ସମାଧାନ କରିଥିବା ଜଣାପଡ଼ିଛି।



ବିଧାୟକଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

# ନେପାଳର ଗଣ୍ଡୁକୀ ନଦୀରୁ ଆସିବ ମହାଯଜ୍ଞର ପୂର୍ଣ୍ଣକୁମ୍ଭ

**ଝାରସୁଗୁଡ଼ା, ୨।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଖଲିଆକାନୀସ୍ଥିତ ରାଧାକୃଷ୍ଣ ଉନ୍ନୟନ ପରିଷଦ ଓ ରାଧାକୃଷ୍ଣ ମନ୍ଦିର ସେବା ଟ୍ରଷ୍ଟର ମିଳିତ ଆନୁକୁଲ୍ୟରେ ଟ୍ରଷ୍ଟ ସଭାପତି ମହେନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ରବିବାର ପୂର୍ବାହ୍ନ ୧୦ଟାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ତ୍ରୟୋଦଶ ନାମଯଜ୍ଞ ସହିତ ଦୀପ କଳସ ମହାଯଜ୍ଞ ଖଲିଆକାନିସ୍ଥିତ ନାମଯଜ୍ଞ ମଣ୍ଡପଠାରେ ଆସନ୍ତା ମେ ଶେଷ ସପ୍ତାହରେ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି। ୨୦୦୯ରୁ ଖଲିଆକାନୀଠାରେ ମହାଯଜ୍ଞ ଆରମ୍ଭ ହୋଇ ବର୍ତ୍ତମାନ ସୁଦ୍ଧା ଦ୍ୱାଦଶ ମହାଯଜ୍ଞ ସମ୍ପୂର୍ଣ୍ଣ ହୋଇସାରିଛି। ସବୁ ମହାଯଜ୍ଞର ପୂର୍ଣ୍ଣକୁମ୍ଭ ଭାରତ ବର୍ଷର ପ୍ରୟାଗରାଜସ୍ଥିତ ତ୍ରିବେଣୀ ସଙ୍ଗମ ଦ୍ୱାରିକାର ଗୋମତୀ ନଦୀ ହରିଦ୍ୱାର ହରକୀପୌଡ଼ି, ଯମୁନେତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ, ବଦ୍ରିନାଥ, ରାମେଶ୍ୱରମ୍, ଗଙ୍ଗାସାଗର, କୋଲକାତାର ନଦିଆ, ପୁରୀର ମହୋଦଧି, ଝାରସୁଗୁଡ଼ାର ଇରାବତୀ ନଦୀ ଓ ଖଲିଆକାନୀର ଜାରା ଖମାରି ପୋଖରୀରୁ ଆସିଥିବା ବେଳେ ଚଳିତବର୍ଷ ମହାଯଜ୍ଞର ପୂର୍ଣ୍ଣକୁମ୍ଭ ନେପାଳର ଗଣ୍ଡୁକୀ ନଦୀରୁ ଆଣିବା। ଏହି ଅବସରରେ କାଠମାଣ୍ଡୁର ପଶୁପତିନାଥ ସହିତ ବିଭିନ୍ନ ଦର୍ଶନୀୟ ସ୍ଥାନ ଦେଖିବା ପାଇଁ ବର୍ତ୍ତମାନ ସୁଦ୍ଧା ୬୦ରୁ ଊର୍ଦ୍ଧ୍ୱ ଭକ୍ତ ସାମିଲ ହୋଇଛନ୍ତି। ଯଜ୍ଞର ପୂଜକ ସହଦେବ ମିଶ୍ର ଓ କର୍ତ୍ତା ଦାଶରଥି ବିଶି ତାଙ୍କ ସହ ଗୀତାଞ୍ଜଳି ବିଶି ରହିବେ। ସଭାରେ ଚୈତନ୍ୟ ପ୍ରଧାନ, ଖଗେଶ୍ୱର ପ୍ରଧାନ, ନୀଳମଣି ଖମାରି, କାଶୀନାଥ ଖମାରୀ, ଜେନାମଣି ସାହୁ, ଭୋଦେବ ବିଶି, ଅଚ୍ୟୁତାନନ୍ଦ ସା, ସୁରେନ୍ଦ୍ର ବଡେଇ, ଡିଲେଶ୍ୱର ବିଶି, ସୀତାରାମ ପ୍ରଧାନ, ନିରାକାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ରାଧାକୃଷ୍ଣ ପରିଷଦର ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ରାଧାକୃଷ୍ଣ ଉନ୍ନୟନ ପରିଷଦର ସାଧାରଣ ବୈଠକ**

# କ୍ଲଷ୍ଟରସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

**ଝାରସୁଗୁଡ଼ା, ୨।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅନ୍ତର୍ଗତ ପାକେଲଖୋଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର ଅପରାହ୍ନ ୨ଟାରେ କ୍ଲଷ୍ଟରସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ମଳୟ ବସନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ବିଦାୟ ସମ୍ବର୍ଦ୍ଧନା ସଭାରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିଶ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବେନ୍ଦ୍ର ରନବିଡା ମୁଖ୍ୟବକ୍ତା, ସାହାସପୁର ସିଆର୍‌ସିସି ପ୍ରଦୀପ କୁମାର ନାଏକ, ପ୍ରଧାନ ଶିକ୍ଷକ ବସନ୍ତ କଉଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ତାଳମୁଣ୍ଡା ସିଆର୍‌ସିସି ମନୋରଞ୍ଜନ କଣ୍ଟା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଗଲା। ଶିକ୍ଷକମାନଙ୍କ ମଧ୍ୟରୁ ଶୁକ୍ରୁ ନେଟି ବିଦାୟୀ ଶିକ୍ଷକ ଦ୍ୱୟଙ୍କ ସହିତ ବିତିଯାଇଥିବା ଅନୁଭୂତି ବିଷୟରେ ମତାମତ ପ୍ରଦାନ କରିଥିଲେ। ଅତିଥିଗଣଙ୍କ ଅଭିଭାଷଣ ପରେ ବିଦାୟୀ ଶିକ୍ଷକ ଛଗନ ମହାନନ୍ଦିଆ ଏବଂ ଶିକ୍ଷୟିତ୍ରୀ ସୁଷମା ପଟେଲଙ୍କୁ ପୁଷ୍ପଗୁଚ୍ଛ, ବ୍ୟାଚ, ଉପଢୌକନ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଗଲା। ଶିକ୍ଷକ ଅନନ୍ତ କୁମାର ସିଂ, ନଳିନୀ ପାଉଲେ, ବାସୁଦେବ ଜୟପୁରିଆ, ରଞ୍ଜୁରାଣୀ ମହାନନ୍ଦ, ଛତ୍ରଲାଲ କିଷାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

# ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ




ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଦେବଗଡ଼, ୨।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ସହରର ଶତାୟୁ ତଥା ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱ ଓ ଶିକ୍ଷକ ପଞ୍ଚାନନ ବ୍ରହ୍ମାଙ୍କ ସଂଯେଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁର ଓ ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷିକା ଇପସିତା ପଟ୍ଟନାୟକ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସତ୍ୟପ୍ରକାଶ ମିଶ୍ର ଓ ଶିକ୍ଷୟିତ୍ରୀ ସ୍ମିତାରାଣୀ ପ୍ରଧାନ ମଧ ବିଜ୍ଞାନର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ସୁଜାତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# କେନ୍ଦୁପତ୍ର, ଜନ୍ତୁ ଶିକାର ପାଇଁ ଜଳୁଛି ସଂରକ୍ଷିତ ଜଙ୍ଗଲ

**ନୟାନ୍ତ ହେଲେଣି ବନ କର୍ମଚାରୀ**

**ଦେବଗଡ଼, ୨।୩(ଶଶାଙ୍କ ଶେଖର ଝାଙ୍କର)**

ଗୋଟିଏ ସ୍ଥାନର ନିଆଁ ଆୟତ୍ତ ହେବା ପୂର୍ବରୁ ଆଉ ଗୋଟିଏ ସ୍ଥାନରେ ନିଆଁ ଲଗାଉଛନ୍ତି କିଛି ଦୁର୍ବୃତ୍ତ। ବନାଗ୍ନି ଯୋଗୁ ବହୁ ମୁଲ୍ୟବାନ ଛୋଟ ଛୋଟ ଚାରା ସବୁ ଜଳି ପୋଡି ପାଉଁଶ ହୋଇଯାଉଛି। ରବିବାର ଦେବଗଡ଼ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ୧୨ରୁ ଅଧିକ ସ୍ଥାନରେ ନିଆଁ ଲାଗିଥିବା ଜଣାପଡ଼ିଛି। ଖବର ପାଇ ବନବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିବାରେ ଲାଗି ପଡିଛନ୍ତି। ପ୍ରାୟ ସବୁ ସ୍ଥାନର ନିଆଁ ଆୟତ୍ତ ହୋଇଥିବା ବେଳେ କୁରୁଡକୋଟ ନିକଟ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲର ଏକର ଏକର ଜାଗାରେ ନିଆଁ ଲାଗିଥିବା ଦେଖାଦେଇଛି। ଉକ୍ତ ପାହାଡର ଶିର୍ଷରେ ନିଆଁ ଲାଗିଥିବାରୁ ଘଣ୍ଟା ଘଣ୍ଟା ଧରି ବନବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିବାରେ ଫେଲ ମାରିଛନ୍ତି। ଦେବଗଡ଼ ଫରେଷ୍ଟର ପ୍ରିତମ ସାହୁଙ୍କ ନେତୃତ୍ୱରେ ବନବିଭାଗର ଏକ ସ୍ୱତନ୍ତ୍ର ଟିମ ଉକ୍ତ ନିଆଁକୁ ଆୟତ୍ତ କରିବା ପାଇଁ ନିୟୋଜିତ ହୋଇଥିବା ବେଳେ ରାତି ପ୍ରାୟ ୧୦ଟା ଯାଏଁ ନିଆଁ ଲିଭା କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି। କେନ୍ଦୁପତ୍ର ଏବଂ ଜନ୍ତୁ ଶିକାର ପାଇଁ ଜାଣିଶୁଣି କିଛି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଉଛନ୍ତି।




ବନ କର୍ମଚାରୀ ନିଆଁକୁ ଲିଭାଉଛନ୍ତି।

## ଜାତୀୟ ବିଜ୍ଞାନ ଦିବସ ପାଳିତ

**ଝାରସୁଗୁଡ଼ା, ୨।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ବାଗଡିହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ନାଏକଙ୍କ ସଭାପତିତ୍ୱରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପୂର୍ବତନ ସମ୍ପାଦକ ତଥା ଲଖନପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୁଗଳ କିଶୋର ପରୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଚନ୍ଦ୍ରଶେଖର ଭେଙ୍କଟେଶଙ୍କ ଜୀବନୀ ବିଷୟ ଓ ସମାଜ ପ୍ରତି ବିଜ୍ଞାନର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ବିଜ୍ଞାନ ଆଚାର୍ଯ୍ୟ, ଆଚାର୍ଯ୍ୟା ଅହଲ୍ୟା କୁମରା, ବାସନ୍ତି କିସାନ, ସୁନିତା କଉଡି ବିଜ୍ଞାନ ଉପରେ ପ୍ରସ୍ତୁତ କରିଥିବା ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଉପରେ ପ୍ରଶ୍ନମଞ୍ଚ, ବୈଜ୍ଞାନିକ ଜୀବନୀ କଥନ, ଫଟୋଚିତ୍ର ପ୍ରଦର୍ଶନୀ ଓ ପରିଚୟ ପ୍ରତିଯୋଗିତାରେ କୃତୀ ଶିଶୁ ଭାଇ ଭଉଣୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସନ୍ତୋଷ ପଶାୟତ, ନିତ୍ୟାନନ୍ଦ ଭରାସାଗର, ସହଯୋଗ କରିଥିଲେ। ଆଚାର୍ଯ୍ୟ ଗୋବର୍ଦ୍ଧନ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ନଡ଼ା ଗଦାରେ ଲାଗିଲା ନିଆଁ

**ବନ୍ଧମୁଣ୍ଡା,୨।୩(ସୁବ୍ରତ ଦେ)**

ବିଶ୍ରା ଥାନା ଅଞ୍ଚଳର ଗୁଡ଼ଗୁଡ଼ଝର ଗାଁର ଇକବାଲ ହୁସେନଙ୍କ ଘର ବାହାରେ ଥିବା ନଡ଼ାଗଦାରେ ରବିବାର ଅପରାହ୍ନ ସମୟରେ କୌଣସି କାରଣ ଯୋଗୁ ନିଆଁ ଲାଗି ଯାଇଥିଲା। ଫଳରେ ବିପୁଳ ପରିମାଣର ନଡ଼ା ପୋଡ଼ି ପାଉଁଶ ହେଇଯାଇଛି। ନଡ଼ାରେ ନିଆଁ କିପରି ଲାଗି ସେନେଇ ଜଣାପଡିନାହିଁ। ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ସମୟରେ ହଠାତ୍ ନଡ଼ା ଗଦାରେ ନିଆଁ ଲାଗିଯାଇଥିଲା। ହୁସେନ ଏବଂ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ବହୁତ ଚେଷ୍ଟା କରିଥିଲେ। ହେଲେ ଅତି କମ ସମୟରେ ନିଆଁ ବହୁତ ଦ୍ରୁତ ଗତିରେ ବ୍ୟାପିବା ଯାଇଥିଲା। ସ୍ଥାନୀୟ ଲୋକେ ଘଟଣା ବିଷୟରେ ବିଶ୍ରା ଅଗ୍ନିଶମ ବିଭାଗକୁ ଜଣାଇ ଥିଲେ। ଅଗ୍ନିଶମ ବିଭାଗର କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ୩ ଏକର ଜଙ୍ଗଲ ଜଳିଗଲା

**କୁତ୍ରା, ୨।୩ (ଦେବାଶିଷ ସାହୁ)**

ଶନିବାର ରାତିସାରା ଜଙ୍ଗଲ ଜଳିବା ଫଳରେ ୩ଏକର ଜଙ୍ଗଲ ପୋଡି ଯାଇଛି। ଶୁଖିଲା ଗଛପତ୍ର ଯୋଗୁ ନିଆଁ ପ୍ରବଳ ମାତ୍ରାରେ ଚାରି ଆଡକୁ ମାଡି ଯାଇଥିଲା। ଭୋରୁ ଗ୍ରାମବାସୀ ଆସି ନିଆଁକୁ ଆୟତ୍ତ କରିଥିଲେ। ବନବିଭାଗକୁ ଖବର ଦେଇଥିଲେ ହେଁ ୩ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲା । ବଡଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ବ୍ଲକର ବାଇଲମା ଗ୍ରାମରେ ଥିବା ଜଙ୍ଗଲ ରାତି ସାରା ହୁତୁ ହୁତୁ ହୋଇ ଜଳିଥିଲା। ଶନିବାର ସଂଧ୍ୟାରେ କୌଣସି କାରଣ ବସତ ନିଆଁ ଲାଗି ଥିବା ବେଳେ ଭୋରରୁ ଗ୍ରାମବାସୀମାନେ ନିଆଁ ଜଳୁଥିବା ଦେଖିବାକୁ ପାଇ ବନବିଭାଗକୁ ଖବର ଦେଇଥିଲେ ହେଁ ବନବିଭାଗ ତିନି ଘଣ୍ଟା ବିଳମ୍ବରେ ପହଞ୍ଚିବାରୁ ଗ୍ରାମବାସୀମାନେ କିଛି ମାତ୍ରାରେ ନିଆଁକୁ ଆୟତ୍ତ କରିଥିଲେ। ପରେ ବନବିଭାଗ ପହଞ୍ଚିବା ପରେ ନିଆଁ ସଂପୂର୍ଣ୍ଣ ଆୟତ୍ତ ହୋଇଥିଲା। ତେବେ ତିନି ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲ ପୋଡି ମୂଲ୍ୟବାନ ଗଛ ପୋଡି ପାଉଁଶ ହୋଇଯାଇଛି।

### ଶ୍ରୀମଦ୍ ରାମ ଚରିତ ମାନସ ଜ୍ଞାନ ଯଜ୍ଞ ସମାପନ

**ସବ୍‌ଡେଗା, ୨।୩ (ଅନନ୍ତ ପଟେଲ )**

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ କିରାଲଗା ପଞ୍ଚାୟତ ସ୍ଥିତ ହରକପଡାଠାରେ ଶ୍ରୀମଦ ଭାଗବତ, ଶ୍ରୀମଦ ରାମ ଚରିତ ମାନସ ଜ୍ଞାନ ଯଜ୍ଞ କଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟିର ଉପଦେଷ୍ଟା ଡମ୍ବରୁ ଧର ପଟେଲ, ସଭାପତି ଗମ୍ଭୀର ସିଂହ, ସମ୍ପାଦିକା ଚମ୍ପାବତୀ ସିଂହ, ଉପ ସମ୍ପାଦକ ମହେଶ ସିଂହ, ସହ କମିଟିର ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳ ବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗତ ୨୧ରୁ ୨୮ ତାରିଖ ପର୍ଯ୍ୟନ୍ତ ଶ୍ରୀମଦ ରାମ ଚରିତ ମାନସ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ୨୧ ତାରିଖ ଦିନ ମହିଳାଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହେବା ସହ ସର୍ବ ଦେବା ଦେବୀଙ୍କୁ ପୂଜନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ପ୍ରଦୀପ ଶାସ୍ତ୍ରୀ ଜିଙ୍କ ଦ୍ୱାରା ୮ଦିନ ଧରି ଶ୍ରୀ ରାମ ଚରିତ ମାନସ କଥା ବର୍ଣ୍ଣନା ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଯଜ୍ଞ ହେଲା ପରେ ସମାପନ ହୋଇଥିଲା।

# ଅଂଶୁଘାତ ମୁକାବିଲା, ଜଳ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

**ସୁନ୍ଦରଗଡ଼, ୨।୩(ଜୟ ନାରାୟଣ ମେଣ୍ଡୁଲି)**

ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଜିଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଓସାନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ମହାଜନ ଅଂଶୁଘାତର ମୁକାବିଲା ସହିତ ଜଳ ସମସ୍ୟାର ସମାଧାନ ଦିଗରେ ବିଶେଷ ଧ୍ୟାନ ଦିଆଯିବାକୁ ଗୁରୁତ୍ୱାରୋପ କରିଥିଲେ। ସମସ୍ତ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ ଗୁଡ଼ିକ କାର୍ଯ୍ୟକାରୀ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଠିକ ସୂଚନା ପ୍ରଦାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। କୌଣସି ଅପାତକାଳୀନ ପରିସ୍ଥିତି ଉପୁଜିଲେ ତୁରନ୍ତ ଉପରୋକ୍ତ ଅଧିକାରୀଙ୍କୁ ଅବଗତ କରିବା ସହିତ ଜିଲା କାର୍ଯ୍ୟାଳୟକୁ ମଧ୍ୟ ଜଣେଇବାକୁ କହିଥିଲେ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ୱାଟକୋ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ନିଜ ନିଜ ଅଞ୍ଚଳରେ ଜଳ ସମସ୍ୟା ଦୁରୀକରଣ ନିମନ୍ତେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ମହାଜନ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଚଳ କିମ୍ବା ଖରାପ ହୋଇଯାଇଥିବା ନଳକୂପ ଗୁଡିକ ଶୀଘ୍ର ମରାମତି କରାଯିବାକୁ କୁହାଯାଇଥିଲା ଏବଂ ଜଳ ସମସ୍ୟା ଥିବା ଅଞ୍ଚଳ ଗୁଡିକ ଶୀଘ୍ର ଚିହ୍ନଟ କରାଯାଇ ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଇଦେବା ଏବଂ ପ୍ରମୁଖ ସ୍ଥାନ ଗୁଡିକରେ ଜଳଛତ୍ରମାନ ଖୋଲା ଯିବା ସହିତ ଜଙ୍ଗଲ ନିଆଁ ପ୍ରତି ବିଶେଷ ଧ୍ୟାନ ଦେବା ତଥା ପ୍ରାଣୀ ଓ ପକ୍ଷୀଙ୍କ ନିମନ୍ତେ ଜଳ ବ୍ୟବସ୍ଥା, ତାଙ୍କ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା, ଗ୍ରୀଷ୍ମ ସମୟରେ ଗୃହ ପାଳିତ ପ୍ରାଣୀ ମାନଙ୍କର କିଭଳି ଯତ୍ନ ନିଆଯିବ ତାହା ନେଇ ସଚେତନତା ସୃଷ୍ଟି କରିବା ଆଦି ନେଇ ବୈଠକରେ ଆଲୋଚନା କରାଯାଇଥିଲା । ସେହିପରି ଅଂଶୁଘାତର ମୁକାବିଲା ନିମନ୍ତେ ସମସ୍ତ ଡାକ୍ତରଖାନା ଗୁଡିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା, ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ ପ୍ରସ୍ତୁତ ରଖିବା, ଆବଶ୍ୟକୀୟ ପରିମାଣରେ ଓ. ଆର୍.ଏସ ପ୍ୟାକେଟ, ଆବଶ୍ୟକୀୟ ଔଷଧ, ଆଦି ମହଜୁଦ ରଖିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଥିଲା। କଣ୍ଟ୍ରୋଲ ରୁମ ମଧ୍ୟ କାର୍ଯ୍ୟକାରୀ ହେଉଥିବା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅବଗତ କରିଥିଲେ। ସେହିଭଳି ଏହି ସ୍ୱତନ୍ତ୍ର ୱାର୍ଡ ଗୁଡିକରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଜେନେରେଟର ବ୍ୟବସ୍ଥା କରିବାକୁ କୁହାଯାଇଥିଲା ଏବଂ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରମାନେ ଗସ୍ତ କରି ଏହି ସବୁ ବ୍ୟବସ୍ଥା ଆଦିକୁ ସୁନିଶ୍ଚିତ କରିବାକୁ ଜିଲାପାଳ ମହାଜନ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସକାଳୁଆ ସ୍କୁଲ ଓ ଅଙ୍ଗନୱାଡ଼ି ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ ସ୍କୁଲ, ଅଙ୍ଗନୱାଡ଼ି ଗୁଡିକରେ ଯଥେଷ୍ଟ ପରିମାଣରେ ପାନୀୟ ଜଳ, ଓ. ଆର୍. ଏସ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ବିଦ୍ୟାଳୟ ଗୁଡିକରେ ଛାତ୍ରୀଛାତ୍ରଙ୍କ ପାଣି ପିଇବା ପାଇଁ ବିରତି ଦିଆଯିବା ନେଇ ଆଲୋଚନା କରାଯାଇଥିଲା। ଅଂଶୁଘାତରୁ ବର୍ତ୍ତିବା ପାଇଁ ଶ୍ରମିକମାନେ ଯେପରି ଅତ୍ୟଧିକ ଖରା ସମୟରେ କାମ ନକରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯାତ୍ରୀବାହୀ ବସ ଗୁଡିକରେ ପାନୀୟ ଜଳ ସହ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ କୁହାଯାଇଥିଲା । ଅଂଶୁଘାତ ମୁକାବିଲା ନିମନ୍ତେ ଶୀଘ୍ର ବ୍ଲକ ସ୍ତରରୁ ଜିଲାସ୍ତରରେ କଣ୍ଟ୍ରୋଲ ରୁମ ଗୁଡ଼ିକ କାର୍ଯ୍ୟକାରୀ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ, ରାଉରକେଲା ଆଶୁତୋଷ କୁଲକର୍ଣ୍ଣୀ , ସୁନ୍ଦରଗଡର ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ସୁରଞ୍ଜନ ସାହୁ, ସିଇଓ , ଡିଏମଏଫ, ସଦର ଉପଜିଲାପାଳ ଦାଶରଥି ସରାବୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମହେନ୍ଦ୍ର ନାଥ ମୁର୍ମୁ, ଡେପୁଟି କଲେକ୍ଟର (ଅପାତକାଳୀନ) ଅଶିନୀ ପଣ୍ଡା, ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ପୌର ପଳିକାର ନିର୍ବାହୀ ଅଧିକାରୀମାନେ ଯୋଗ ଦେଇଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଶିବିରରେ ଉପସ୍ଥିତ ଅତିଥି ଓ ଛାତ୍ରୀ ।

**ହେମଗିର, ୨।୩(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଗଡତୁମୁଲିଆ ସ୍ଥିତ ମାଣିକେଶରୀ ଡିଗ୍ରୀ ମହାବିଦ୍ୟାଳୟ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଜେନା ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥିଭାବେ ସାଗର ଚୈଧୁରୀ, ସୁରଜ କୁମାର ନାଏକ, ସୁବ୍ରତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ଏହି ତାଲିମ ମୁଖ୍ୟ ଉଦ୍ଦେଶ୍ୟ ଉପରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ପରେ ଉପସ୍ଥିତ ଅତିଥିମାନେ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ, ୨।୩(ଜୟ ନାରାୟଣ ମେଣ୍ଡୁଲି)**

ଆସନ୍ତା ୫ତାରିଖରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳନ ପାଇଁ ସୁନ୍ଦରଗଡ ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ସ୍ଥାନୀୟ ସାର୍କିଟ ହାଉସଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ ୫ ତାରିଖ ସକାଳ ୮ଟା ସମୟରେ ପ୍ରଥମେ ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟଙ୍କ ଉପସ୍ଥିତିରେ ରାଣୀବଗିଚା ବାଇପାସ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବା ପରେ ବିଭିନ୍ନ ଶିଶୁ ଆଶ୍ରମ ଏବଂ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ସହିତ ବସ୍ତ୍ର ବଣ୍ଟନ କରାଯିବା ପାଇଁ ସ୍ଥିର ହୋଇଛି । ବିଜେଡିର ବରିଷ୍ଠନେତା ସରୋଜ ପଟ୍ଟନାୟକ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଜିଲା ମହିଳା ସଭାନେତ୍ରୀ ତଥା ଉପନଗରପାଳ ରଞ୍ଜନା ପଣ୍ଡା, କାଉନସିଲର ସୁମନ୍ତ ସାହୁ, ସୁଶୀଳା ନାଗ, ଦୁଶୀଲା ଦଣ୍ଡସେନା, କୈଳାସ ତନ୍ତି, ଅନିଲ ମହାପାତ୍ର, ବିଜେଡି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲା ଆଇନସେବା ସେଲର ମୁଖ୍ୟ ଅଶୋକ ସ୍ୱାଇଁ, ବିଜେଡି ନେତା ଅଶୋକ ମହାନ୍ତି, ହେମନ୍ତ ମେହେର, ନରଦୀପ ସିଂ, ପୂର୍ବତନ କାଉନସିଲର ବୀଣା ସାହୁ, ସୁନାଦେଇ ନାଏକ, ରିତା ସାହୁ,ସରୋଜ ନାଏକ,ରୋଶନ ସାହୁଙ୍କ ସମେତ ଅନେକ ବିଜେଡି କର୍ମୀ ଏହି ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ।

# ଓରାମ ସମାଜ ଆଦିଧର୍ମର ବାର୍ଷିକ ଉତ୍ସବ



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

**ସବ୍‌ଡେଗା:୨।୩ (ଅନନ୍ତ ପଟେଲ )**

ସୁନ୍ଦରଗଡ ଜିଲା ବାଲିଶଙ୍କରା ଭାଟିପଡାରେ ଓରାମ ସମାଜ ଆଦିଧର୍ମର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉପବାଚସ୍ପତି ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ କହିଥିଲେ, ଏକତା ଓ ଅଖଣ୍ଡତା ବଜାୟୀ ରଖିଲେ ସମାଜର ମଙ୍ଗଳ ହୋଇପାରିବ। ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ (ଖ) ଜୟନ୍ତୀ ଏକ୍କା, ଭାଜପା ବ୍ଲକ ସଭାପତି ଜସନ୍ତି ଏକ୍କା, ଏମପି ପ୍ରତିନିଧି ଉଚ୍ଛବ ତନ୍ତୀ, ରବିପଟେଲ, ବୁଧୁରାମ ଓରାମ, ଦୀନବନ୍ଧୁ ସାଏ, ମଞ୍ଜନ ଓରାମ, ଉଦ୍ଧା କିଣ୍ଡୋ, ରାମଚନ୍ଦ୍ର ଖାଲଖୋ, ମାଙ୍ଗୋ ଏକ୍କା, ଦାସା ଏକ୍କା ପ୍ରମୁଖ ଯୋଗ ଦେଇଥିଲେ। ମନରଞ୍ଜନ ଏକ୍କା ମଞ୍ଚ ପରିଚାଳନା କରିଥିଲେ। ସର୍ବପ୍ରଥମେ ମୁଖ୍ୟ ଅତିଥିଙ୍କୁ ଓରାମ ସମାଜର ପାରମ୍ପରିକ ନାଚଗୀତ ସହ ବାଜା ବଜାଇ ମଞ୍ଚ ଉପରକୁ ପାଛୋଟି ଆଣିଥିଲେ। ଉକ୍ତ ଉତ୍ସବରେ ଆଖପାଖ,ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ରାଜ୍ୟର ୩୨ଟି ଆଦିବାସୀ ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଏହାପରେ ସମସ୍ତ ଦଳ ବା ଆଖଡ଼ାର ମୁଖ୍ୟମାନେ ମାଟି ମା'କୁ ଧରି ଶପଥ ଗ୍ରହଣ କରି ଏକତା ଓ ଅଖଣ୍ଡତା, ଭାଷା, ପୋଷାକ, ନାଚ ଗୀତ, ଖାଦ୍ୟକୁ ସୁଚାରୁ ରୂପେ ବଜାୟୀ ରଖିବୁ ବୋଲି କହିଥିଲେ। ଏହାପରେ ନାଚଗୀତ ପରିବେଷଣ କରାଯାଇଥିଲା । ଏହି ଉପଲକ୍ଷେ ଓରାମ ସମାଜର ପୋଷାକ, ବହି, ଖାଦ୍ୟର ପ୍ରଦର୍ଶନ କରାଯାଇଥିଲା। ଉକ୍ତ ଓରାମ ସମାଜର ବାର୍ଷିକ ମହୋତ୍ସବକୁ ଭାଟିପଡା ଆଖଡ଼ାର ନେହେରୁ କୁଜୁର, ସୁରେନ୍ଦ୍ର ତିର୍କୀ, ରାମଥୁ କୁଜୁର, ଦୁତୀୟା ତିର୍କୀ, ମାହାତ ଏକ୍କା, ସୁମିତ୍ରା କୁଜୁର, ମଙ୍ଗଳ ଲାକ୍ରା, ବୁଧୁରାମ ଓରାମ, ବିନୀତ ଟପ୍ପୋ ପ୍ରମୁଖ ସହାୟତା କରିଥିଲେ। ଶେଷରେ ମଞ୍ଜନ ଓରାମ ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ
## ଥାନାରେ ମାମଲା ରୁଜୁ

**ବଣାଇଁ, ୨।୩ (ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଅଞ୍ଚଳରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣାକୁ ନେଇ ଉଭୟ ଚାନ୍ଦିପୋଷ ଓ ବନ୍ଧମୁଣ୍ଡା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ବନ୍ଧମୁଣ୍ଡା ଅଞ୍ଚଳରୁ ଚାନ୍ଦିପୋଷ ଅଞ୍ଚଳକୁ ନିର୍ବନ୍ଧ କରିବାକୁ କେତେଜଣ ବ୍ୟକ୍ତି ଆସିଥିଲେ। ନିର୍ବନ୍ଧ କାମ ଚାଲିଥିବାବେଳେ ତାଙ୍କ ସହିତ ଆସିଥିବା ଜଣେ ୬ ବର୍ଷର ନାବାଳିକାଙ୍କୁ ଜଣେ ଯୁବକ ପ୍ରଲୋଭନ ଦେଖାଇ ଏକ ପରିତ୍ୟକ୍ତ ଘରେ ବଳାତ୍କାର କରିଥିଲେ। ଏନେଇ ସମ୍ପୃକ୍ତ ନାବାଳିକାଙ୍କ ପରିବାର ପକ୍ଷରୁ ଚାନ୍ଦିପୋଷ ଥାନାରେ ଶନିବାର ରାତିରେ ଲିଖିତ ଏତଲା ଦିଆଯାଇଥିଲା। ଏନେଇ ପୋଲିସ ଏକ ମାମଲା ନଂ. ୨୧/୨୦୨୫ ରୁଜୁକରି ତଦନ୍ତ ଜାରି ରଖିଛି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ପରେ ଡାକ୍ତରୀ ମାଇନା କରିଛି। ଏ ସମ୍ପର୍କରେ ଚାନ୍ଦିପୋଷ ଥାନା ଅଧିକାରୀ ସବିତା ପାତ୍ରଙ୍କୁ ପଚାରିବାରୁ, ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ତଦନ୍ତ ଜାରି ରହିଛି। ତଦନ୍ତ ପରେ ସମ୍ପୂର୍ଣ୍ଣ ତଥ୍ୟ ଦିଆଯିବ ବୋଲି କହିଛନ୍ତି।

# କ୍ରୀଡ଼ା ପ୍ରତିଭା ଚୟନ କାର୍ଯ୍ୟକ୍ରମ

**ସୁନ୍ଦରଗଡ, ୨।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ କ୍ରିଡା ପ୍ରକଳ୍ପରେ ଥିବା ଭାରତୀୟ କ୍ରିଡା ପ୍ରାଧୀକରଣ ୨୦୨୫-୨୬ ପାଇଁ କ୍ରୀଡା ପ୍ରତିଭା ମନୋନୟନ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଯାଇଛି। ମାର୍ଚ୍ଚ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ହକି ବାଳିକା ଓ ବାଳକ ବିଭାଗର ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହିତ ମାର୍ଚ୍ଚ ୧୧ ଏବଂ ୧୨ତାରିଖରେ ତିରନ୍ଦାଜୀ ବାଳିକା ଓ ବାଳକ ଚୟନ କାର୍ଯ୍ୟକ୍ରମ ହେବ। ଏହି ମନୋନୟନ କାର୍ଯ୍ୟକ୍ରମରେ ଭାଗ ନେବାକୁ ଥିବା ଇଚ୍ଛୁକ ପ୍ରାର୍ଥୀଙ୍କ ବୟସ ୧୨ରୁ ୧୪ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ନିର୍ଦ୍ଧାରିତ ମନୋନୟନ ଦିବସରେ ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ, ଶିକ୍ଷାଗତ ଯୋଗ୍ୟତା ଏବଂ କ୍ରିଡା ନୈପୂର୍ଣତା ପ୍ରମାଣ ପତ୍ର ଆଣି ନିଜର ନାମ ପଞ୍ଜିକରଣ କରିପାରିବେ। ଏହି ମନୋନୟ କାର୍ଯ୍ୟକ୍ରମ ପାଇଁ କୌଣସି ଗସ୍ତ ଖର୍ଚ୍ଚ କିମ୍ବା ଅନ୍ୟ କୌଣସି ଖର୍ଚ୍ଚ ଭାରତୀୟ କ୍ରିଡା ପ୍ରାଧୀକରଣ ବହନ କରିବେ ନାହିଁ। ଯେଉଁ ପ୍ରତିଭାବାନ ଖେଳାଳିମାନେ ଚୟନ ହେବେ ସେମାନେ ଭାରତୀୟ କ୍ରୀଡା ପ୍ରାଧୀକରଣର ସୁନ୍ଦରଗଡ ଶାଖାରେ ଆବାସିକ କେନ୍ଦ୍ରରେ ଅବସ୍ଥାନ କରି ଭାରତୀୟ କ୍ରୀଡା ପ୍ରାଧୀକରଣ ଦ୍ୱାରା ଉପଲବ୍ଧ ସମସ୍ତେ ସୁବିଧା ସୁଯୋଗ ଲାଭ କରିପାରିବେ ବୋଲି ଭାରତୀୟ କ୍ରୀଡା ପ୍ରାଧୀକରଣ, କ୍ରୀଡା ପ୍ରଶିକ୍ଷଣ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ କୁମାର ଷଡ଼ଙ୍ଗୀ ଜଣାଇଛନ୍ତି।

# ଜିମ୍ନାଷ୍ଟିକ୍ କେନ୍ଦ୍ରର ପ୍ରଥମ ସ୍ଥାପନା ଦିବସ

**ରାଉରକେଲା, ୨।୩(ଦିନେଶ ମିଶ୍ର)**

ରାଉରକେଲା କଳିଙ୍ଗ ବିହାରସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ପରିସରରେ ଥିବା ଜିମ୍ନାଷ୍ଟିକ କେନ୍ଦ୍ରର ପ୍ରଥମ ସ୍ଥାପନା ଦିବସ ରବିବାର ପାଳିତ ହୋଇଯାଇଛି। କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ସ୍ୱତନ୍ତ୍ର କାରାଗାର ଅଧୀକ୍ଷକ ଜୀବନ ସିଂ ମୁଣ୍ଡା, ସମାଜସେବୀ ବିମଳ ବିଶି, ପଶୁନାଥ ଚାଟାର୍ଜୀ, ଲୀନା ତ୍ରିପାଠୀ, ବିଜୟ ସୁନ୍ଦରରାୟ, ଦୀପ୍ତି ସୁନ୍ଦରରାୟ, ଦେବାଶିଷ ମହାପାତ୍ର ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ସାୟନ ଦାସ, ଲେଖାରାଣୀ, ବିଶ୍ୱଜିତ ବେହେରା, ଅରିନ୍ଦମ ଦାସ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ରିତା ସର୍ବେ ପ୍ରମୁଖ ସହଯୋଗ କରିଥିଲେ।

# ସର୍ଗୁ କିଶାନ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

**କୁତ୍ରା, ୨।୩(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରାଠାରେ ଅବସ୍ଥିତ ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଜୀବନର ଜୟ ଯାତ୍ରାରେ ବିଜ୍ଞାନର ଅବଦାନ ସମ୍ପର୍କରେ ଜଣାଇବା ସହ ମଣିଷ ସମାଜର ମଙ୍ଗଳ ସାଧନ ପାଇଁ ବିଜ୍ଞାନର ସୁବିନିଯୋଗ କରିବା ହେତୁ ଜାଗୃତି ଆଣିବା ପାଇଁ ଏହି କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଅମରେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ସାହୁ ସମାଜର ପ୍ରଗତି ନିମନ୍ତେ ବିଜ୍ଞାନର ଉପଯୋଗ ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ବିଜ୍ଞାନ ଶିକ୍ଷକ ତୁଷାର ତାଣ୍ଡି ଆମ ଭାରତ ବର୍ଷ ବିଜ୍ଞାନ କ୍ଷେତ୍ରରେ ବେଶ ଉତ୍କର୍ଷତା ହାସଲ କରିପାରିଥିବା ବେଳେ ଆଗକୁ ଏହାକୁ ଆହୁରି ତରାନ୍ୱିତ କରିବାର ଆବଶ୍ୟକତା ରହିଥିବା କହିବା ସହ ଆଗକୁ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଅଞ୍ଜଳି ତିଗା ଓ ଶିକ୍ଷକ ବିକାଶ ଟୋପୋ ଭାରତର ଅଗ୍ରଗତିରେ ଦେଶର ବିଜ୍ଞାନୀମାନଙ୍କ ଅବଦାନ ସମ୍ପର୍କରେ ଅବଗତ କରାଇବା ସହ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ପ୍ରତି ଆଗ୍ରହୀ ହେବାକୁ ପ୍ରବର୍ତ୍ତାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିକାଶ ଟପ୍ପୋ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଜାତୀୟସ୍ତରୀୟ ହୁଇଲଚେୟାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ପ୍ରଥମ ଦିନରେ ମହାରାଷ୍ଟ୍ର, ତେଲଙ୍ଗାନା, ହରିୟାଣା ଜିତିଲେ

**ସୁନ୍ଦରଗଡ଼, ୨।୩(ଜୟ ନାରାୟଣ ମେଣ୍ଡୁଲି)**

ଜାତୀୟ ସ୍ତରୀୟ ହୁଇଲ ଚେୟାର କ୍ରିକେଟ ଟୁର୍ନାମେଣ୍ଟ ରବିବାର ସ୍ଥାନୀୟ ଭବାନୀଭବନ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କ୍ରିକେଟ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ପ୍ରୟାସ ଇଣ୍ଡିଆ ଚ୍ୟାରିଟି ଫାଉଣ୍ଡେଶନର ସଂସ୍ଥାପକ ପ୍ରଭୀନ ସିଂହ ସେଂଗାର, ଓଡ଼ିଶା ଅଧ୍ୟାୟର ଅଧ୍ୟକ୍ଷ, ସୁନ୍ଦରଗଡ଼ ଏ.ଏସ.ପି., ଡି.ଇଓ. ସୁନ୍ଦରଗଡ଼,ସଦର ଉପଜିଲାପାଳ ଦାଶରଥି ସରାବୁ ଏବଂ ଅନ୍ୟାନ୍ୟ ଅତିଥିମାନେ ଏହି ଉଦଘାଟନ ଅବସରରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟ ଶାରୀରିକ ଅସମର୍ଥ ଖେଳାଳିମାନଙ୍କ ପାଇଁ ଏକ ନୂତନ ଅବସର ସୃଷ୍ଟି କରିବାକୁ ଉଦ୍ଦିଷ୍ଟ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ପ୍ରଥମ ଦିନର ଖେଳ ଫଳାଫଳ ଅନୁଯାୟୀ ମହାରାଷ୍ଟ୍ର ଦଳ ତାମିଲନାଡୁକୁ ହରାଇଥିବାବେଳ ତେଲେଙ୍ଗାନା, ଗୁଜରାଟ ଏବଂ ହରିୟାଣା ଉତ୍ତର ପ୍ରଦେଶକୁ ହରାଇଛି। ମହାରାଷ୍ଟ୍ର ତାମିଲନାଡୁ ବିରୋଧରେ ଜୋରଦାର ଖେଳ ଖେଳି ଜିତିଲେ। ତେଲେଙ୍ଗାନା ଗୁଜରାଟ ବିରୋଧରେ ଉତ୍ତମ ଖେଳ ଦେଖାଇ ଜିତିଲେ ଏବଂ ହରିୟାଣା ଦଳ ଉତ୍ତର ପ୍ରଦେଶକୁ ପରାଜିତ କରିଛି। ସୋମବାର ଦ୍ୱିତୀୟ ଦିନରେ ଓଡିଶା ଏବଂ ଛତିଶଗଡ଼, ମହାରାଷ୍ଟ୍ର ବନାମ ହରିୟାଣା, ଉତ୍ତର ପ୍ରଦେଶ ବନାମ ତମିଲନାଡୁ,ଓଡିଶା ବନାମ ତେଲେଙ୍ଗାନା, ଗୁଜରାଟ ବନାମ ଛତିଶଗଡ଼ ମଧ୍ୟରେ ମ୍ୟାଚ ହେବ। ପ୍ରୟାସ ଇଣ୍ଡିଆ ଚ୍ୟାରିଟି ଫାଉଣ୍ଡେଶନର ସଂସ୍ଥାପକ ପ୍ରଭୀନ ସିଂହ ସେଂଗାର ଭିନ୍ନକ୍ଷମ ଖେଳାଳିମାନଙ୍କ ପ୍ରତି ଏହି ପ୍ରୟାସର ଗୁରୁତ୍ୱକୁ ବ୍ୟାଖ୍ୟା କରି ଏମିତି ଟୁର୍ନାମେଣ୍ଟ ଆୟୋଜନ ଦ୍ୱାରା ସମାଜରେ ସ୍ଥିରତା ଏବଂ ସମାନ ଅବସର ନିମନ୍ତେ ଆଗକୁ ବଢ଼ିବାର ଅବଶ୍ୟକତା ରହିଛି ବୋଲି କହିଛନ୍ତି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ଏହି ପ୍ରଚେଷ୍ଟାକୁ ସ୍ୱାଗତ କରି, ଦିବ୍ୟାଙ୍ଗ ଖେଳାଳିମାନଙ୍କ ପାଇଁ ଅଧିକ ସୁଯୋଗ ତିଆରି କରିବାର ପ୍ରୟାସର ଉଦ୍ୟମକୁ ପ୍ରଂଶସା କରିଥିଲେ। ଏହି ଟୁର୍ନାମେଣ୍ଟର ଆଗାମୀ ମ୍ୟାଚଗୁଡ଼ିକ ଅଧିକ ଉତ୍ସାହ ଓ ଆକର୍ଷଣ ସୃଷ୍ଟି କରିବ ବୋଲି ଜିଲାପାଳ କହିଥିଲେ।




ଟୁର୍ନାମେଣ୍ଟରେ ଉପସ୍ଥିତ ଅତିଥି ଏବଂ ଖେଳାଳି।

## ସଂକ୍ଷେପରେ

### ୨୬ କେଜି ଗଞ୍ଜେଇ ଜବତ: ୨ ଗିରଫ



ଗୁଡ଼ଭେଲା, ୨।୩(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ କର୍ମଚାରୀମାନେ ରବିବାର ପାଟ୍ରୋଲିଂ କରିବା ବେଳେ ତୁଷୁରା ଥାନା ଅନ୍ତର୍ଗତ କୁକୁରଖାଇ ଛକଠାରେ ଏକ କାର୍ (ନଂ ଓଆର ୦୨ ଏବ୍ଲୁ ୨୩୫୧)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଉକ୍ତ କାର୍‌ରୁ ଦୁଇଟି ବସ୍ତାରେ ଥିବା ୨୬ କେଜି ଗଞ୍ଜେଇ ଜବତ ହୋଇଥିଲା । ଏହି ଘଟଣାରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଧୀନ କୁରୁକୁପା ଗ୍ରାମର ପଞ୍ଚାନନ ସାହୁ (୪୦) ଓ ବୌଦ୍ଧ ଜିଲା ଘଣ୍ଟାପଡା ଗ୍ରାମର ରାଜେନ୍ଦ୍ର କୁମାର ଦାସ (୫୩)ଙ୍କୁ ଗିରଫ କରାଯାଇ ତୁଷୁରା କୋର୍ଟଚାଲାଣ କରାଯାଇଥିବା ତୁଷୁରା ଅବକାରୀ ବିଭାଗ କାର୍ଯ୍ୟାଳୟର ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଏଏସଆଇ ପୃଥ୍ୱୀରାଜ କୁଅଁର, କନଷ୍ଟେବଲ ବିଭୂତି ଭୁଷଣ ଭୋଇ, ଭୋଜରାଜ ବଡ଼େଇ, ସୁନେଲି ପ୍ରଧାନ ଚଢାଉରେ ସାମିଲ ଥିଲେ।

# ‘କୃଷି, ଜଳସେଚନ, ଦାଦନ ସମସ୍ୟାର ସମାଧାନ କରାଯିବ’

ବଲାଙ୍ଗୀର, ୨।୩(ବୀରେନ୍ଦ୍ର କୁମାର ଝାଙ୍କର)




ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ରବିନାରାୟଣ ନାଏକ ଏବଂ ଲୋକ ସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ସୂଚନା ଦେଉଛନ୍ତି।

- ଜିଲାରୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଦାଦନ ଯାଉଥିବା ସୂଚନା ଦେଲେ ମନ୍ତ୍ରୀ
- ସ୍ୱତନ୍ତ୍ର ଟାକ୍ସଫୋର୍ସ ଜରିଆରେ ବିଭିନ୍ନ ସମସ୍ୟାର ସମାଧାନ କରାଯିବ
- ବୁଦ୍ଧିଜୀବୀ ସମାବେଶରେ ବିକାଶ ଉପରେ ଆଲୋଚନା

ବଲାଙ୍ଗୀର ଜିଲାର କୃଷି , ଜଳସେଚନର ଉନ୍ନତି ଏବଂ ଦାଦନ ଶ୍ରମିକ ସମସ୍ୟାର ସମାଧାନ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ରବିବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଜେଟ ପ୍ରାବଧାନର ଜନଅବଗତି ନିମନ୍ତେ ସେ ସୂଚନା ଦେଇ ଜିଲାର ଦ୍ରୁତତମ ବିକାଶ ପାଇଁ ସରକାର ବଦ୍ଧପରିକର ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍, ଜିଲା ଭାଜପା ସଭାପତି ଶ୍ରୀବତ୍ସ ବେହେରା, ପୂର୍ବତନ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଓ ଦିନେଶ ଶର୍ମା ମଞ୍ଚାସୀନ ଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ବଜେଟରେ ଜନସାଧାରଣଙ୍କ ପାଇଁ କିଭଳି ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି ମନ୍ତ୍ରୀ ନାଏକ କହିଥିଲେ। ବିଜେଡି ସରକାର ଦୀର୍ଘ ସମୟ ପାଇଥିଲେ ମଧ୍ୟ କିଭଳି ବିକାଶ କରି ପାରି ନଥିଲେ ସେ ସମ୍ପର୍କରେ ସୂଚନା ଦେଇ ଡବଲ ଇଞ୍ଜିନ ସରକାର ଏବେ ଓଡିଶାର ଗାଁରୁ ସହର ସବୁଠି ବିକାଶକୁ ଗୁରୁତ୍ୱ ଦେଉଛି ବୋଲି କହିଥିଲେ। ବଲାଙ୍ଗୀର ଜିଲାରେ ଜଳସେଚନ ପ୍ରକଳ୍ପ ପାଇଁ ଅପର ଲାନ୍ଥ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉଛି। ଏହାସହିତ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପରୁ କିଭଳି ଶୀଘ୍ର ଜଳସେଚନ ହୋଇପାରିବ ସେନେଇ ଉଦ୍ୟମ କରାଯିବ ବୋଲି କହିଥିଲେ। ଜିଲା ଦାଦନ ଶ୍ରମିକ ସମସ୍ୟାକୁ ଏକ ବଡ ସମସ୍ୟା ଭାବେ ସରକାର ଗମ୍ଭୀରତାର ସହ ନେଉଥିବା ସୂଚନା ଦେଇଥିଲେ। ଜିଲାରୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଦାଦନ ଖଟିବାକୁ ଯାଉଥିବା ସେ କହିଥିଲେ। ତେବେ ସରକାର ଦାଦନ ରୋକିବାକୁ ଟାକ୍ସଫୋର୍ସ ଗଠନ କରିଥିବା ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଏହାର ଦାୟିତ୍ୱ ଦିଆଯାଇଥିବା କହିଥିଲେ। ଜିଲାରୁ ନୂଆଖାଇ ସମୟରେ ଅଧିକ ଦାଦନ ଖଟିବାକୁ ଯାଉଥିବା ସୂଚନା ଦେବା ସହ ଲୋଭ ମଧ୍ୟ ଏକ କାରଣ ବୋଲି କହିଥିଲେ। ବିଭିନ୍ନ ସରକାରୀ ବିଭାଗ ଏବଂ ଯୋଜନାର ସମନ୍ୱୟରେ ଜିଲାର ଦାଦନ ଶ୍ରମିକ ସମସ୍ୟାର ସମାଧାନ କରିବାକୁ ସରକାର ଗୁରୁତ୍ୱ ଦେଉଥିବା କହିଥିଲେ। ଜିଲାରେ କପା ଉତ୍ପାଦନ ବୃଦ୍ଧି ପାଉଥିବାରୁ ଏଠାରେ କପା ସମ୍ପର୍କିତ ଶିଳ୍ପ ପ୍ରତିଷ୍ଠା କରିବାକୁ ଉଦ୍ୟମ କରାଯିବ ବୋଲି କହିଥିଲେ। ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଜିଲାର କୃଷି, ଜଳସେଚନ, ଦାଦନ ଶ୍ରମିକ ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ମାତ୍ର ବିଗତ ସରକାର ଏସବୁ କ୍ଷେତ୍ରରେ ଯେଭଳି ଉଦାସୀନତା ଦେଖାଇଛନ୍ତି ତାର ସମାଧାନ କରିବା ପାଇଁ ଟିକିଏ ସମୟ ଲାଗିବ ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀ ପରେ ବୁଦ୍ଧିଜୀବୀ ସମାବେଶ ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ବର୍ଗର ଲୋକଙ୍କ ସହ ମନ୍ତ୍ରୀ ନାଏକ ଏବଂ ଲୋକସଭା ଏମ୍‌ପି ସିଂଦେଓ ଆଲୋଚନା କରି ଏକ ସମୃଦ୍ଧ ଏବଂ ବିକଶିତ ବଲାଙ୍ଗୀର, ଓଡିଶା ଏବଂ ଭାରତ ପାଇଁ କିଭଳି ଡବଲ ଇଞ୍ଜିନର ସରକାର ଉଦ୍ୟମ କରୁଛନ୍ତି ଆଲୋଚନା କରିଥିଲେ। ବୁଦ୍ଧିଜୀବୀ ସମାବେଶରେ ବରିଷ୍ଠ ଆଡଭୋକେଟ ଭବାନୀ ଶଙ୍କର ଶତପଥୀ, ଜୟକୃଷ୍ଣ ସାହୁ, ପ୍ରିୟରଞ୍ଜନ ବହିଦାର, ଅଶୋକ ରାଉତ, ରାଜେନ୍ଦ୍ର ବିଜୟ ସାହୁ, ନୀଳମଣି ମିଶ୍ର, ମଧୁସୂଦନ ପାଠୀ, ରାହାସ ବିହାରାରୀ ମାଝି, ନକୁଳ ଅଗ୍ରୱାଲ, ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର, ସଞ୍ଜୟ ବଗର୍ତ୍ତି, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ଓଝା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜୟ ମା’ ଦୁର୍ଗା କପ୍ କ୍ରିକେଟ ଟୁର୍ନାମେଣ୍ଟ: କେଛୋବାହାଲ ଚାମ୍ପିୟନ

ଖପ୍ରାଖୋଲ, ୨।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବାଞ୍ଜିପାଲି ଗାଁରେ ଚାଲିଥିବା ଜୟ ମା’ ଦୁର୍ଗା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୮ ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ବାଞ୍ଜିପାଲି ଓ କେଛୋବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବାଞ୍ଜିପାଲି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୦ ଉଇକେଟ ହରାଇ ୩୩ ରନ କରିଥିଲା ବେଳେ ଜବାବରେ କେଛୋବାହାଲ ୮ ଓଭରରେ ୩ ଉଇକେଟ ହରାଇ ୩୫ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପ୍ରତାପ ବେହେରା ଓ ମହମ୍ମଦ ସାକିର ଖେଳ ପରିଚାଳନା କରିଥିବା ବେଳେ ମହମ୍ମଦ ଫାଇମ ସ୍କୋରର କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଜୟ ମା’ ଦୁର୍ଗା କ୍ରିକେଟ କ୍ଲବ ଅଧିନାୟକ ମହମ୍ମଦ ସାକିରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରଦିପ ପାଣିଗ୍ରାହୀ, ଶିବ ନାରାୟଣ ରଣା, ଭାଗବତିଆ ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ । କ୍ଲବର ମହମ୍ମଦ ସାକିର, ଆକାଶ ବାଗ, ବିନୋଦ ଥପା, ମହମ୍ମଦ ସକୁର, କାନ୍ତ ଠାକୁର, ବୈଦ୍ୟ ବରିହା, କ୍ରିଷ୍ଣା ନାଏକ, ପବିତ୍ର ବାଗ, ସନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେବା ଅବସରରେ ଶିକ୍ଷକ ଓ ଅନ୍ୟମାନେ।

ଲୋଇସିଂହା, ୨।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ଛେଲିଆପାଟ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଆନନ୍ଦ କୁମାର ସାହୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷକ ସୁସ୍ମିତା ପତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଅଇଁଲାସାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୁଦ୍ଧୁ ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକ ସାହୁଙ୍କ କାର୍ଯ୍ୟଶୈଳୀ, ଛାତ୍ର ବତ୍ସଳତା ଉପରେ କହିଥିଲେ। ଛାତ୍ରୀ ଜ୍ୟୋତି ସାହୁ, ପ୍ରତିଭା ପ୍ରଧାନ, ଏନ. ଭୋଇଙ୍କ ସମେତ ବିଦ୍ୟାଳୟର ସହକର୍ମୀମାନେ ଶିକ୍ଷକ ସାହୁଙ୍କ ଉପରେ କହିଥିଲେ। ଏହି ଅବସରରେ ଉତ୍ତମ ଅନୁଚିନ୍ତା ପରିବେଷଣ ପାଇଁ ଛାତ୍ରୀ ଜ୍ୟୋତି ସାହୁ ଓ ଉତ୍ତମ ସମ୍ବାଦ ପରିବେଷଣ ପାଇଁ ଛାତ୍ରୀ ସିମ୍ପ୍ଲି ଭୋଇଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରମେଶ ତ୍ରିପାଠୀ ସଂଯୋଜନା କରିଥିଲେ। ବିଦ୍ୟାପତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଦର ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଦେଓଗାଁ, ୨।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ଥାନା ତଥା ସଦର ବ୍ଲକ ଅନ୍ତର୍ଗତ ଜନକପୁରରେ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗଙ୍କ ସ୍ୱାମୀ ଗୋଲାପ ବାଗଙ୍କୁ ଜଣେ ବ୍ୟକ୍ତି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା ରୁଜୁ କରାଯାଇ ସଂପୃକ୍ତ ବ୍ୟକ୍ତି ଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ରବିବାର ଗୋଲାପ ତାଙ୍କ ଜନକପୁରସ୍ଥିତ ଫାର୍ମହାଉସକୁ ଯାଇଥିବା ବେଳେ ସେଠାରେ ଜଣେ ବ୍ୟକ୍ତି ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାର ଧମକ ଦେଇଥିଲେ। ଏ ନେଇ ଗୋଲାପ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

# ରାଣୀପୁର ଝରିଆଲର ବିକାଶ ଉପରେ ଗୁରୁତ୍ୱ



ଆଲୋଚନାଚକ୍ର ଅବସରରେ ଆଲୋଚକ ଓ ଅନ୍ୟମାନେ।

କଣ୍ଟାବାଞ୍ଜି, ୨।୩ (ଗୁରୁ ଦୟାଲ ହଂସ)

### ନିର୍ଝରିଣୀ ତରଫରୁ ଆଲୋଚନାଚକ୍ର

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ରାଣୀପୁର ଝରିଆଲରେ ହେଉଥିବା ଶିବରାତ୍ରି ଓ ଚୌଷଠୀ ଯୋଗିନୀ ମହୋତ୍ସବ ଅବସରରେ କଣ୍ଟାବାଞ୍ଜିର ଅଗ୍ରଣୀ ଅନୁଷ୍ଠାନ ନିର୍ଝରିଣୀ ତରଫରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଓ ଡ.ଯୁଗଳ କିଶୋର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନଷ୍ଠିତ ଆଲୋଚନାଚକ୍ରରେ ଆଲୋଚକ ଭାବେ ଡ.ସଞ୍ଜୟ ମିଶ୍ର, ଡ.ନାରାୟଣ ମିଶ୍ର, ଲକ୍ଷ୍ମୀଧର ମାଝୀ, ସମ୍ମାନିତ ଅତିଥି ଭାବରେ ଟ୍ରଷ୍ଟ ସଭାପତି ମାଣିକ ଲାଲ ଜୈନ, ମଞ୍ଜେସ ମେହେର, ମିନତୀ ତ୍ରିପାଠୀ, ବୃନ୍ଦାବନ କୁମାର ଯୋଗ ଦେଇଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ । ଜ୍ୟୋତି ପ୍ରକାଶ ଗଡ଼ତ୍ୟା ପରିଚାଳନା କରିଥିବା ବେଳେ ସୁଧାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାହିତ୍ୟ ଓ ସଂସ୍କୃତି ପ୍ରତି ସମର୍ପିତ ହେତୁ ଡ.ସଞ୍ଜୟ ମିଶ୍ର ଓ ଡ.କପିଳେନ୍ଦ୍ର ଦାସଙ୍କୁ ନିର୍ଝରିଣୀ ତରଫରୁ ମାନପତ୍ର, ଉପଢୌକନ, ସ୍ମୃତିଫଳକ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ଅନୁଷ୍ଠାନର ଶିଶୁ କିଶୋର ପତ୍ରିକା ମମତାର ଡୋରି ଓ ନିର୍ଝର ଉନ୍ମୋଚିତ ହୋଇଥିଲା। ରାଣୀପୁର ଝରିଆଲ ଶୈବପୀଠର ଉନ୍ନତି ସକାଶେ ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ଉପସ୍ଥିତ ଆଲୋଚକମାନେ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆବାହକ ଅନିଲ ତ୍ରିପାଠୀ, କ୍ଷୀରସିନ୍ଧୁ ଭୋଇ,ସହ ସମ୍ପାଦିକା ଅଞ୍ଜଳି ମାଝୀ, ମମତା ପଣ୍ଡା, ସାଧବୀ ସାହୁ, ଗୁଡଲି ସାହୁ, ସସ୍ମିତା ଷଡ଼ଙ୍ଗୀ, ସବିତା ମିଶ୍ର, ବିରଞ୍ଚି ଖର୍ସେଲ, ଗୋପୀନାଥ ସାହୁ ସହଯୋଗ କରିଥିଲେ।

## ପୂର୍ବତନ ଏମ୍‌ପି ମୃତ୍ୟୁଞ୍ଜୟ ନାୟକଙ୍କ ବିୟୋଗରେ ଶୋକସଭା

ଦେଓଗାଁ, ୨।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଯୁକ୍ତ ଦୁଇ କଲେଜରେ ଶୁକ୍ରବାର ପୂର୍ବତନ ଫୁଲବାଣୀଏମ୍‌ପି ମୃତ୍ୟୁଞ୍ଜୟ ନାୟକଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବସନ୍ତ କୁମାର ମନହୀରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ଯୋଗଦେଇଥିଲେ। ମୁଖ୍ୟଅତିଥି ମେହେର ତାଙ୍କ ବକ୍ତବ୍ୟରେ କହିଥିଲେ, ପୂର୍ବରୁ ଜରାସିଂହା ଅଞ୍ଚଳ ଫୁଲବାଣୀ ଲୋକସଭା ନିର୍ବାଚନ ମଣ୍ଡଳୀରେ ରହିଥିଲା। ଏହି ସମୟରେ ପୂର୍ବତନ ଏମପି ସ୍ୱର୍ଗତ ନାୟକଙ୍କ ଅଞ୍ଚଳ ତଥା କଲେଜ ପ୍ରତି ରହି ଆସିଥିବା ଅବଦାନ ଉପରେ ସେ ଆଲୋକପାତ କରିଥିଲେ। ଏହି ଅବସରରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ ଡିଗ୍ରୀ କଲେଜର ଅଧ୍ୟକ୍ଷ ପୁରୁଷୋତ୍ତମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାଧ୍ୟାପକ ଗୋବିନ୍ଦ ମେହେର, ଧୋବାଇ ଚରଣ ପଟେଲ, ଦୂର୍ବାଦଳ ଘିବେଲା, ନିକିତା ବିଶି, ଜଗଦୀଶ ସିଂ ବାବୁ, ନଳିନୀକାନ୍ତ ପଧାନ ତଥା ଅନ୍ୟମାନେ ସହଯୋଗ କରିଥିଲେ।

## ୨୦ କେଜି ଗଞ୍ଜେଇ ଜବତ, ୨କୋର୍ଟ ଚାଲାଣ



ପୋଲିସ ଜବତ କରିଥିବା ଗଞ୍ଜେଇ ।

ଦେଓଗାଁ, ୨।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ ରେଳଫାଟକ ନିକଟରେ ପୋଲିସ ପକ୍ଷରୁ ଚଢାଉ କରାଯାଇ ୨୦ କେଜି ୯୧୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଖପ୍ରାଖୋଲ ଥାନା ଅନ୍ତର୍ଗତ କିନ୍ଦ୍ରିତାଲ ଗାଁର ପ୍ରୀତମ ବାଗ (୨୩) ଓ ଛତିଶଗଡର ପଦମପୁର ଥାନା ଅନ୍ତର୍ଗତ ଦୁର୍ଗର ଅର୍ଜୁନ ନାଗ (୨୧)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ,ଜରାସିଂହାରୁ ଦେଓଗାଁ ରାସ୍ତାରେ ବେଆଇନ ଭାବେ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏସ୍‌ଆଇ ଦିପକ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ପୋଲିସ ଟିମ୍ ସନ୍ଦେହରେ ଦୁଇ ବାଇକ୍ ଆରୋହୀଙ୍କୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ସେମାନଙ୍କ ପାଖରୁ ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ବୌଦ୍ଧ ଜିଲାର କଣ୍ଟାମାଳରୁ ଛତିଶଗଡର ଦୁର୍ଗ ଅଞ୍ଚଳକୁ ଚାଲାଣ ହେଉଥିବା ଅଭିଯୁକ୍ତମାନେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି । ସ୍ଥାନୀୟ ତହସିଲଦାର ବିକ୍ରମ କେଶରୀ ନାୟକଙ୍କ ଉପସ୍ଥିତରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା । ଚୋରା ଚାଲାଣରେ ବ୍ୟବହୃତ ବାଇକ୍ (ନଂ ଓଡି୦୩କ୍ୟୁ ୭୧୪୦) ଓ ୨ଟି ମୋବାଇଲ ଫୋନକୁ ପୋଲିସ ଜବତ କରିଛି। ଏନେଇ ଥାନାରେ ନଂ ୭୫/୨୫ରେ ମାମଲା ରୁଜୁ ହୋଇଛି।

## ମନଇଚ୍ଛା କାର୍ଯ୍ୟାଳୟକୁ ଆସିବା ନେଇ ଅଭିଯୋଗ

### ଲୋଇସିଂହା ବ୍ଲକ

### ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ବିଇଓ

ଲୋଇସିଂହା, ୨।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କେତେଜଣ କର୍ମଚାରୀ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗ ହୋଇଛି । ଏପରି କି ମଧ୍ୟାହ୍ନ ୧୨ଟା ପରେ ଅଫିସ ଆସି ଅପରାହ୍ନ ୪ଟାରେ ପଳାଉଛନ୍ତି । ଏଣୁ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଶୁକ୍ରବାର ମଧ୍ୟାହ୍ନ ୧୨ଟା ସୁଦ୍ଧା କାର୍ଯ୍ୟାଳୟରେ ହାତଗଣତି କେତେକ କର୍ମଚାରୀ ଉପସ୍ଥିତ ଥିବା ବେଳେ ମୁଖ୍ୟ କର୍ମଚାରୀଙ୍କ ଦେଖା ମିଳି ନ ଥିଲା । ନିୟମିତ ଭାବେ କର୍ମଚାରୀ କାର୍ଯ୍ୟାଳୟ ଆସିବାରେ ଅବହେଳା ପ୍ରଦର୍ଶନ କରୁଥିବାରୁ ବିଇଓ ରୀନାକୁମାରୀ ବେହେରା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି କର୍ମଚାରୀଙ୍କ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ପ୍ରକାଶ ଯେ, ବ୍ଲକରେ ୧୫୦ରୁ ଉର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି। ବ୍ଲକରେ ପ୍ରାୟ ୨୯୦ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟ କରୁଛନ୍ତି।

## ଦେଓଗାଁ ଏଟିଏମ୍ ଛକରେ ମୁକୁଳା ଟ୍ରାନ୍ସଫର୍ମର



ଦେଓଗାଁ, ୨।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥ ଦେଓଗାଁ ଏଟିଏମ୍ ଛକ ନିକଟରେ ଅନେକ ଦିନ ହେଲା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ମୁକୁଳା ହୋଇ ପଡିଛି। ଫଳରେ ଜନସାଧାରଣ ତଥା ଗାଇଗୋରୁଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି । ଅନେକ ସମୟରେ ଉକ୍ତ ଟ୍ରାନ୍ସଫର୍ମର ପାଖକୁ ଛୋଟ ପିଲା ତଥା ବୁଲା ଗୋରୁ ପଶିଯାଇ ଅଳ୍ପକେ ବର୍ତ୍ତି ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଗତ କିଛି ଦିନ ତଳେ ଭାରସାମ୍ୟ ହରାଇ ଦୁଇ ବାଇକ୍ ଆରୋହୀ ଉକ୍ତ ଟ୍ରାନ୍ସଫର୍ମର ନିକଟତର ହୋଇ ଅଳ୍ପକେ ବର୍ତ୍ତିଯାଇଥିବା ନଜରକୁ ଆସିବା ପରେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଗୋଇମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

# ଶିକ୍ଷା ହିଁ ସମାଜ ଗଠନର ମୂଳମନ୍ତ୍ର

ମୁରିବାହାଲ, ୨।୩(ଶ୍ରୀବତ୍ସ ବେହେରା)



ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ(ଟିକିଫୁଲ) ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପଞ୍ଚୁ ଦୀପଙ୍କ ସଭାପତିତ୍ୱରେ ଏବଂ ବିଦ୍ୟାଳୟ କମିଟି ସଭାପତି ଅଶୋକ ନାରାୟଣ ଭୋଇଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ କୈଳାସ ଚନ୍ଦ୍ର ଭୋଇ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ସୁରଥ ବେହେରା, ସମ୍ମାନିତ ବକ୍ତା ଭାବେ ସିଆରସିସି ପ୍ରମୋଦ କର୍ମୀ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଦୀପକ ଦାସ ଯାଦବ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ସମ୍ପାଦକ ହୁଲେଶ୍ୱର ହଂସ, ଅବସରପ୍ରାପ୍ତ ସୈନିକ ଚିତ୍ତରଞ୍ଜନ ସାହୁ, କୋଶଳୀ କବି ଭକ୍ତବନ୍ଧୁ ସାହୁ, ଅକ୍ଷୟ ସାହୁ, ମିନିକେତନ ସାହୁ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯିବା ପରେ ଅତିଥିମାନଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା ହିଁ ସମାଜ ଗଠନର ମୂଳମନ୍ତ୍ର। ପ୍ରାଥମିକ ଶିକ୍ଷା ଛାତ୍ରଛାତ୍ରୀଙ୍କ ମୂଳଦୁଆ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ଏବଂ ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଟିକେରାମ ଭୋଇ, ପ୍ରଶାନ୍ତ ମହାନ୍ତି, ଶିକ୍ଷୟିତ୍ରୀ ଝରଣା ଦାସ, କମିଟି ସଦସ୍ୟ ଅମିତ ରଣା, ସ୍ୱେଚ୍ଛାସେବୀ ବେଳାର ସେନ ଭୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟ କମିଟି ସଭାପତି ଅଶୋକ ନାରାୟଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାଫ, ନାଏବ ସରପଞ୍ଚ ଡାଲିମ୍ବ ଭୋଇ, ୱାର୍ଡ ସଭ୍ୟ ଗୋରେଖ ଭୋଇ, ପୂର୍ବତନ ସଭାପତି ସନ୍ତୋଷ କୁମାର ସାହୁ, ତ୍ରିନାଥ ସାହୁ, ଧନମତୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସଂକ୍ଷେପରେ

### ସମସ୍ତ ବିଭାଗୀୟ ଅଫିସ ସମ୍ବଲପୁର ରାଜସ୍ୱ ଡିଭିଜନକୁ ସ୍ଥାନାନ୍ତର ଦାବି

ବୌଦ୍ଧ,୨।୩ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାକୁ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଅଧୀନରୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନକୁ ଆଣିବା ପାଇଁ ଜିଲାବାସୀଙ୍କ ଦୀର୍ଘଦିନର ଦାବି ଥିଲା। ରାଜସ୍ୱ ଆୟୁକ୍ତ ପରିବର୍ତ୍ତନ ହେଲେ ବୌଦ୍ଧ ଜିଲାବାସୀ ଏହାର ସୁଫଳ ପାଇପାରିବେ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ବୌଦ୍ଧ ଜିଲାକୁ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତରୁ ସମ୍ବଲପୁର ରାଜସ୍ୱ ଆୟୁକ୍ତରେ ସାମିଲ ହୋଇଥିଲା। କିନ୍ତୁ ଏହି ସରକାରୀ ନିଷ୍ପତ୍ତିର ଏକ ବର୍ଷରୁ ଅଧିକ ସମୟ ବିତିସାରିଥିଲେ ମଧ୍ୟ କେବଳ ରାଜସ୍ୱ ବିଭାଗ କାର୍ଯ୍ୟ ବ୍ୟତୀତ ଅନ୍ୟ ସମସ୍ତ ପ୍ରମୁଖ କାର୍ଯ୍ୟାଳୟ ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ ଅଧୀନରେ କାର୍ଯ୍ୟ କରୁଥିବାରୁ ଏହାର ସୁଫଳ ଜିଲାବାସୀ ପାଇପାରୁନାହାନ୍ତି। ଜିଲାର ପୋଲିସ, ଜଙ୍ଗଲ, ଉଠାଜଳସେଚନ ବିଭାଗ ସମେତ ପ୍ରାୟ ସମସ୍ତ ପ୍ରମୁଖ କାର୍ଯ୍ୟାଳୟ ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ ଅଧୀନରେ ଏପର୍ଯ୍ୟନ୍ତ ପରିଚାଳିତ ହେଉଛି। ଏ ସମ୍ପର୍କରେ ଜିଲାର ଅନେକ ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଜିଲା ପ୍ରଶାସନ ଜରିଆରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ରବିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଦିନିକିଆ ବୌଦ୍ଧ ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ସମୟରେ ଭାଜପାର ପୂର୍ବତନ ଜିଲା ସଭାପତି ବିପ୍ର ଚରଣ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତାଙ୍କୁ ସାକ୍ଷାତ କରି ତୁରନ୍ତ ସମସ୍ତ ବିଭାଗୀୟ ପ୍ରଶାସନିକ କାର୍ଯ୍ୟାଳୟକୁ ଦକ୍ଷିଣାଞ୍ଚଳରୁ ସମ୍ବଲପୁର ପରିବର୍ତ୍ତନ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପୂଜାରି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

### ମୁର୍ଷୁଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠା ଉଦ୍‌ଘାଟିତ

ଅମରପାଲି,୨।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ଅନ୍ତର୍ଗତ ମୁର୍ଷୁଣି ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନବନିର୍ମିତ କୋଠା ରବିବାର ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ଜିଲାପାଳ ଅନ୍ୟା ଦାସ, ଜିଲା ପରିଷଦ ସଭ୍ୟ ଲବ କୁମାର ସହୁ ଯୋଗଦେଇଥିଲେ।

### ଚମ୍ପାମାଳ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ


ଚମ୍ପାମାଳ ପଞ୍ଚାୟତ କାର୍ଯ୍ୟାଳୟକୁ ମନ୍ତ୍ରୀ ରବି ନାରାୟଣ ନାଏକ ଉଦ୍‌ଘାଟନ କରୁଛନ୍ତି।

ଅମରପାଲି,୨।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତ ସିଂଦେଓ, ଜିଲାପାଳ ଆନ୍ୟା ଦାସ ଓ ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ଜଗଦଲା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୂଚନା ଅନୁସାରେ ଦୀର୍ଘଦିନ ହେଲା ଚମ୍ପାମାଳ ପଞ୍ଚାୟତର ମାନ୍ୟତା ପାଇଥିଲେ ମଧ୍ୟ ନିଜର କୌଣସି ସ୍ଥାୟୀ କୋଠାଘର ନ ଥିଲା। ଫଳରେ ପଞ୍ଚାୟତର ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏବେ ନୂତନ ପଞ୍ଚାୟତ କାର୍ଯ୍ୟଳୟ ଉଦ୍‌ଘାଟନ ପରେ ସ୍ଥାନୀୟ ଲୋକେ ବେଶ ଖୁସି ଅନୁଭବ କରୁଛନ୍ତି।

# କଳସ ଯାତ୍ରାରେ ସାମିଲ ୨୧ଶହ ମହିଳା

ଅମରପାଲି,୨।୩(ପୀତାମ୍ବର ସାହୁ)


କଳସ ଶୋଭାଯାତ୍ରାରେ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ରଘୁନାଥ ଜଗଦଲା ଓ ଶ୍ରଦ୍ଧାଳୁ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଟିକିରାପଡାରେ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଦୀର୍ଘ ନଅଦିନ ଧରି ହେବାକୁ ଥିବା ଏହି ମହୋତ୍ସବର ପ୍ରଥମ ଦିନରେ ଟିକିରାପଡା ସମେତ ଆଖପାଖ ଗ୍ରାମର ୨୧ଶହ ମହିଳାଙ୍କୁ ନେଇ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାନଦୀରୁ ଏହି ଶୋଭାଯାତ୍ରା ବାହାରି ସୁବଳୟା ଓ ଟିକିରାପଡା ଗ୍ରାମ ପରିକ୍ରମା କରିବା ସହ ଯଜ୍ଞ ମଣ୍ଡପ ଓ ନାମ ମଣ୍ଡପରେ ପୂର୍ଣ୍ଣ ଜଳ କଳସ ସ୍ଥାପନା କରାଯାଇଥିଲା। ଏହି ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ବିଧାୟକ ଇଂ. ରଘୁନାଥ ଜଗଦଲା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ସମେତ ଏହି ଅଞ୍ଚଳର ବହୁ ସରପଞ୍ଚ, ସମିତି ସଭ୍ୟ ଓ ଜନ ପ୍ରତିନିଧି ଯୋଗଦାନ କରିଥିଲେ। ଏହି ଅବସରରେ ସୋମବାରଠାରୁ ଛପନ ପ୍ରହର ନାମଯଜ୍ଞ, ଭାଗବତ ପାରାୟଣ, ଧନୁଯାତ୍ରା ଓ ମୀନାବଜାର ଅନୁଷ୍ଠିତ ହେବ। ଆସନ୍ତା ୧୦ ତାରିଖରେ ଏହା ଉଦ୍‌ଯାପିତ ହେବ। ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ସର୍ବସମ୍ମତି କ୍ରମେ ଏକ ପରିଚାଳନା କମିଟି ଗଠନ କରାଯାଇଛି।

**ଟିକିରାପଡା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ**

**୯ ଦିନ ଧରି ହେବ କାର୍ଯ୍ୟକ୍ରମ**

ଏଥିରେ ଗିରିଧାରୀ ମେହେର ସଭାପତି, ଶଙ୍କର ମେହେର ଉପସଭାପତି, ବିନାୟକ ମେହେର ସମ୍ପାଦକ, ଉପେନ୍ଦ୍ର ମେହେର ସହ ସମ୍ପାଦକ ଓ ବୈଶାଖୁ ମେହେରଙ୍କୁ କୋଷାଧ୍ୟକ୍ଷଭାବେ ମନୋନୀତ କରାଯାଇଛି। ଏହି ଅବସରରେ ନାଟ ମଣ୍ଡପ ପାଇଁ ରମାକାନ୍ତ ମେହେର ସପତ୍ନିକ ଓ ଯଜ୍ଞ ମଣ୍ଡପ ପାଇଁ ହରି ମେହେର ସପତ୍ନିକ କର୍ତ୍ତା କାର୍ଯ୍ୟ ତୁଲାଉଛନ୍ତି। ନାମ ମଣ୍ଡପରେ ଆନନ୍ଦ ଷଡ଼ଙ୍ଗୀ, ଯଜ୍ଞ ମଣ୍ଡପରେ ସୀତାରାମ ପାଢ଼ୀ ଓ ପାରାୟଣ ମଣ୍ଡପରେ ପ୍ରମୋଦ ମିଶ୍ର ପୂଜକଭାବେ କାର୍ଯ୍ୟ ସମ୍ପାଦନା କରୁଛନ୍ତି। ବଲାଙ୍ଗୀରର ଗଗନ ମିଶ୍ର ବ୍ୟାସଭାବେ ପାରାୟଣ କରିବେ। ପ୍ରତ୍ୟହ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଧନୁଯାତ୍ରା ପରିବେଷଣ ହେବ। ମଞ୍ଚରେ ରାଜନେତା, ଅଧିକାରୀ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

# ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସୋନପୁର,୨।୩(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁରରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ**

ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସୋନପୁର ବ୍ଲକ ସାଗରପାଲି ଗାଁରେ ଏକ ଆର୍ଥିକ ସାକ୍ଷରତା ଶିବିର ଆୟୋଜନ ହୋଇଥିଲା। ରିଜର୍ଭ ବ୍ୟାଙ୍କର ପ୍ରବନ୍ଧକ ଶ୍ରଦ୍ଧା ଟପୋ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଚଳିତ ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୫ର ବିଷୟବସ୍ତୁ ଆର୍ଥିକ ବୁଦ୍ଧିମତା ଯାହାରି, ସେ ସମୃଦ୍ଧ ନାରୀ ସମ୍ପର୍କରେ ଟପୋ ଆଲୋଚନା କରିଥିଲେ। ଗୃହିଣୀ, କର୍ମଜୀବୀ ମହିଳା ଓ ମହିଳା ଉଦ୍ୟୋଗୀଙ୍କୁ ମାଇକ୍ରୋ ସେଭିଂ, ମାସିକ ବ୍ୟୟ, ବଜେଟ୍, ଜରୁରୀକାଳୀନ ଯୋଜନା, ବିବିଧତା ଓ ରିସ୍କ ପରିଚାଳନା, ବ୍ୟବସାୟ ପାଇଁ ଋଣ ନେବା, ଠିକ୍ ସମୟରେ ଇଏମଆଇ ପ୍ରଦାନ କରିବା, କ୍ରେଡିଟ୍ ସ୍କୋରର ଗୁରୁତ୍ୱ, ବିଭିନ୍ନ ପ୍ରକାର ଆର୍ଥିକ ଠକେଇ ଏବଂ ରିଜର୍ଭ ବ୍ୟାଙ୍କ ସମନ୍ୱିତ ଅମ୍ବୁଡ୍ସମାନ ଯୋଜନା ବିଷୟରେ ଆଲୋଚନା ହୋଇଥିଲା। ସୁବର୍ଣ୍ଣପୁର ଏଲଡିଏମ୍ କାର୍ତ୍ତିକେଶ୍ୱର ପଣ୍ଡା, ଏଫଏଲସି ଦିଲୀପ କୁମାର ମିଶ୍ର ଓ ସୋନପୁର ବିପିସି ସଚ୍ଚିଦାନନ୍ଦ ବୁଡେକଙ୍କ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଗୃହିଣୀ, କର୍ମଜୀବୀ ମହିଳା ଓ ମହିଳା ଉଦ୍ୟୋଗୀ ବର୍ଗର ପ୍ରାୟ ୨୨୦ଜଣ ଅଂଶଗ୍ରହଣ କରିଥିଲେ।


ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଶିକ୍ଷକଙ୍କ ଶିକ୍ଷାଦାନ ଅନୁକରଣ କର


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଅମରପାଲି,୨।୩(ପୀତାମ୍ବର ସାହୁ)

**ଖଣ୍ଡହତା ୟୁପି ସ୍କୁଲର ବାର୍ଷିକ ଉତ୍ସବ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ୟୁପି ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ନାୟକ ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷତା କରିଥିଲେ। ଖଣ୍ଡହତା ପଞ୍ଚାୟତର ସରପଞ୍ଚ ଜୟଶ୍ରୀ ଦେହୁରୀ ମୁଖ୍ୟ ଅତିଥି, ସପ୍ତଦୀପା ସାହିତ୍ୟ ସଂସଦ ସଭାପତି ଡ.ଦ୍ୱିତୀକୃଷ୍ଣ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ବୀରମହାରାଜପୁର ମହିଳା କଲେଜ ସଂସ୍କୃତ ବିଭାଗ ଅଧାପିକା ସନ୍ତୋଷିନୀ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଙ୍ଗାଧର ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୂର୍ତ୍ତି ବୁଡେକ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷକ ବଳରାମ ମିଶ୍ର ଅନୁଷ୍ଠାନର ବିବରଣୀ ପଠନ କରିଥିଲେ। ଏହି ଅବସରରେ ଅତିଥିମାନେ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କୁ ଅଧ୍ୟୟନ ପ୍ରତି ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ପାଠ୍ୟ ପୁସ୍ତକର ଅଭ୍ୟାସ ସହିତ ଶିକ୍ଷକଙ୍କ ଶିକ୍ଷାଦାନକୁ ଅନୁକରଣ କଲେ ଶିକ୍ଷା ଗ୍ରହଣ ସହଜ ହୋଇଥାଏ ବୋଲି କହିଥିଲେ। ଶିକ୍ଷକ ନାରାୟଣ ଜଗଦଳା ସଭା ସଂଯୋଜନା କରିଥିଲାବେଳେ ସୁରେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁସ୍ମିତା ନାଏକ, ଧୀରେନ କୁମାର ମିଶ୍ର, ଶେଷଦେବ ପଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଜୟ ମା' ଦୁର୍ଗା କପ୍ କ୍ରିକେଟ ଟୁର୍ନାମେଣ୍ଟ: କେଛୋବାହାଲ ଚାମ୍ପିୟନ

ଖପ୍ରାଖୋଲ,୨।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବାଞ୍ଜିପାଲି ଗାଁରେ ଚାଲିଥିବା ଜୟ ମା' ଦୁର୍ଗା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୮ ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ବାଞ୍ଜିପାଲି ଓ କେଛୋବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବାଞ୍ଜିପାଲି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୦ ଉଇକେଟ ହରାଇ ୩୩ ରନ କରିଥିଲା ବେଳେ ଜବାବରେ କୋଛୋବାହାଲ ୮ ଓଭରରେ ୩ ଉଇକେଟ ହରାଇ ୩୫ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପ୍ରତାପ ବେହେରା ଓ ମହମ୍ମଦ ସାକିର ଖେଳ ପରିଚାଳନା କରିଥିବା ବେଳେ ମହମ୍ମଦ ଫାଇମ ସ୍କୋରର କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଜୟ ମା' ଦୁର୍ଗା କ୍ରିକେଟ କ୍ଲବ ଅଧିନାୟକ ମହମ୍ମଦ ସାକିରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରଦିପ ପାଣିଗ୍ରାହୀ, ଶିବ ନାରାୟଣ ରଣା, ଭାଗବତିଆ ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ । କ୍ଲବର ମହମ୍ମଦ ସାକିର, ଆକାଶ ବାଗ, ବିନୋଦ ଥପା, ମହମ୍ମଦ ସକୁର, କାନ୍ତ ଠାକୁର, ବୈଦ୍ୟ ବରିହା, କ୍ରିଷ୍ଣା ନାଏକ, ପବିତ୍ର ବାଗ, ସନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଶୌଣ୍ଡିକ ସମାଜର ନୂତନ କର୍ମକର୍ତ୍ତା

ଅମରପାଲି,୨।୩(ପୀତାମ୍ବର ସାହୁ)

**ଦୁଃଖନାସନ ସଭାପତି, ବିଭୁ ପ୍ରସାଦ ସମ୍ପାଦକ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶୌଣ୍ଡିକ ସମାଜର ଏକ ବୈଠକ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସମାଜର ଜିଲା ସଭାପତି ସତ୍ୟନାରାୟଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲା ସମ୍ପାଦକ ରଘୁନାଥ ବେହେରା ଓ ରାଜ୍ୟସ୍ତରୀୟ ସଭ୍ୟ ମେଘନାଦ ସାହୁ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ପ୍ରାୟ ଶହେରୁ ଅଧିକ ମହିଳା ଓ ପୁରୁଷ ଯୋଗଦେଇ ନିଜ ମତ ରଖିଥିଲେ। ଏହି ଅବସରରେ ସର୍ବସମ୍ମତି କ୍ରମେ ବ୍ଲକସ୍ତରୀୟ ଏକ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ଦୁଃଖନାଶନ ସାହୁ ସଭାପତି, ବିଭୁ ପ୍ରସାଦ ସାହୁ ସମ୍ପାଦକ ଓ ମନୋଜ ସାହୁଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଥିଲା। ଏହା ସହିତ ଡମ୍ବରୁ ସାହୁ, ଅଚ୍ୟୁତ ସାହୁ, ନିତ୍ୟାନନ୍ଦ ସାହୁ, ସାନନ୍ଦ ସାହୁ ଓ ସନ୍ତୋଷ ସହୁଙ୍କୁ ପରିଚାଳନା କମିଟି ସଭ୍ୟଭାବେ ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମେଘନାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ନୂତନ ପରିଚଳନା କମିଟି ସଭ୍ୟ।

# ସଂସାମୁରାରେ କୃଷକ ମେଳା, ପ୍ରଦର୍ଶନୀ

ସୋନପୁର,୨।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଂସାମୁରାଠାରେ କୃଷକ ମେଳା ଓ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ(ଓୟୁଏଟି)ର ପ୍ରଫେସର ଓ ମୁଖ୍ୟ କୃଷି ବୈଜ୍ଞାନିକ ଡ଼ ଅଜୟ ଦାସଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥଲା। ସୁବର୍ଣ୍ଣପୁର କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ଼କ୍ଟର ବିଶ୍ୱରଞ୍ଜନ ପଟ୍ଟନାୟକ, ଓୟୁଏଟିର କୃଷି ବୈଜ୍ଞାନିକ ଡ଼କ୍ଟର ନିହାର ରଞ୍ଜନ ସାହୁ, ଡ଼କ୍ଟର ପ୍ରଦୀପ୍ତ କୁମାର ସାହୁ, ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷୀକେଶ ଦାଶ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ସୁଧୀର କୁମାର ପଣ୍ଡା, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼କ୍ଟର ତ୍ରିନାଥ ଖଣ୍ଡାୟତ ରାୟ ଓ ଜିଲା ଯାନ୍ତ୍ରିକ କୃଷି ଅଧିକାରୀ ପ୍ରିୟଙ୍କା ବେହେରା ମଞ୍ଚାସୀନ ହୋଇ କୃଷକ ମାନଙ୍କୁ ବୈଷୟିକ ତାଲିମ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଅଂଶଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ପ୍ରିୟମ୍ବଦା ଲୋପାମୁଦ୍ରା ରାୟ, ତନ୍ମୟ ନନ୍ଦ ଓ ପ୍ରମୋଦ ମୁଦୁଲି ଆୟୋଜନରେ ସହଯୋଗ କରିଥିଲେ। ପାୱାର ୱାଇଡ଼ର, ନଡ଼ିଆ କତା ଛଡା ଯନ୍ତ୍ର, ଘାସ ବଛା ଓ ପଲାରୁଆ ଯନ୍ତ୍ର ଭଳି ପାଞ୍ଚଟି ଯନ୍ତ୍ର ଏହି ଅବସରରେ ପ୍ରଦର୍ଶନ କରାଯାଇଥିଲା ।



ମେଳାରେ ମଞ୍ଚାସୀନ କୃଷି ବୈଜ୍ଞାନିକ ଓ ଅତିଥିମାନେ।

# ସର୍ବଭାରତୀୟ ଡି.ଏସ୍. କପ୍ ଫୁଟ୍‌ବଲ: ବେଙ୍ଗାଲୁର ବିଜୟୀ


ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥି ଓ ଖେଳାଳି।

ବୌଦ୍ଧ,୨।୩(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ ସର୍ବଭାରତୀୟ ଡି. ଏସ୍. କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଜିଲା ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, କନ୍ଧମାଳ ଏମ୍‌ପି ପ୍ରତିନିଧି ଦୁର୍ଗାମାଧବ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଫୁଟ୍‌ବଲ ଆସୋସିଏଶନ ସଭାପତି ଲମ୍ବୋଦର ପୁରୋହିତ, ଉପ ସଭାପତି ସତ୍ୟ ପ୍ରକାଶ ଦାଶ, ସମ୍ପାଦକ ଯୁଗଳ କିଶୋର ସାମଲ ଓ ଜିଲା କ୍ରିକେଟ ଆସୋସିଏଶନ ସଭାପତି ନିରଞ୍ଜନ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। କୋଲକାତା ଫୁଟବଲ ଏକାଡେମୀ ଏବଂ ଏମ୍‌ଇଜି ସେଣ୍ଟର ବାଙ୍ଗାଲୋର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବେଙ୍ଗାଲୁର ଦଳ ୨ଟି ଗୋଲ ଦେଇଥିବା ବେଳେ କୋଲକତା ଦଳ ଗୋଟିଏ ଗୋଲ ଦେଇଥିଲା। ଫଳରେ ୨-୧ ଗୋଲରେ ବେଙ୍ଗାଲୁର ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ରେଫରି ଶିବଶଙ୍କର ପଣ୍ଡା ମ୍ୟାଚ୍ ପରିଚାଳନା କରିଥିବାବେଳେ ଶଶିକାନ୍ତ ଦାସିଆ ଓ ଦିଲୀପ କୁମାର ରାଉତ ଲାଇନରେ ରହିଥିଲେ। ଚତୁର୍ଥ ରେଫରି ଭାବେ ସଲିଳ ବେହେରା ଖେଳ ପରିଚାଳନା କରିଥିବା ବେଳେ ଦୁର୍ଗାମାଧବ ନାଏକ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ସୋମବାର ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍ ୟୁନାଇଟେଡ ସ୍ପୋର୍ଟସ କ୍ଲବ ବରଗଡ ଏବଂ ବୌଦ୍ଧ ଜିଲା ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## ଗଦା ଗଦା ଆବର୍ଜନା, ବଢୁଛି ମଶାବଂଶ

ରାଉରକେଲା,୨।୩(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଗଦା ଗଦା ଅଳିଆ ଆବର୍ଜନା ପଡିରହିଛି। ଆବର୍ଜନା ଜନିତ ପ୍ରଦୂଷଣରୁ ମୁକ୍ତି ଏବଂ ମଶାମାଛି ବଂଶବୃଦ୍ଧି ନିୟନ୍ତ୍ରଣ ପାଇଁ ଆରଏମ୍‌ସି ତରଫରୁ ବାର୍ଷିକ ପ୍ରାୟ ୧୧କୋଟି ୧୧ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଉଛି। ମାତ୍ର ଏତେସତ୍ତ୍ୱେ ଠିକ୍ ସମୟରେ ସହରର ଡ୍ରେନ ଓ ଅଳିଆ ଗଦାରୁ ମାସ ମାସ ଧରି ଅଳିଆ ଆବର୍ଜନା ଉଠାଯାଉନାହିଁ। ଫଳରେ ମଶା ମାଛି ବଂଶ ବିସ୍ତାର ବୃଦ୍ଧି ପାଉଛି। ସମୟ ପୂର୍ବରୁ ଏହାକୁ ନିୟନ୍ତ୍ରଣ କରା ନ ଗଲେ ସହରରେ ଡେଙ୍ଗୁ ମ୍ୟାଲେରିଆ ବ୍ୟାପିବା ଆଶଙ୍କ ରହିଛି।

ସୂଚନା ଅନୁସାରେ, ରାଉରକେଲାରେ ୨୦୦୧ରେ ମୋଟ ୩୨ଟି ୱାର୍ଡ ଥିବାବେଳେ ଜନସଂଖ୍ୟା ୨ଲକ୍ଷ ୩୦ହଜାର ଥିଲା। ସାନିଟାଇଜ ବିଭାଗରେ ୯୮୫ କର୍ମଚାରୀ ଥିଲେ। ଅପଶିଷ୍ଟ ଅଳିଆ ମୁଣ୍ଡପିଛା ୦.୫ କେଜି ଥିଲା। ଅଳିଆକୁଣ୍ଡ ୧୧୫ ଥିଲା। ଦୈନିକ ୭୦ ଗାର୍ବେଜରୁ ଅଳିଆ ଉଠୁଥିଲା। ସହରର ବାଲୁଘାଟରେ ୧୦ ଏକର ଜମିରେ ସହରବାସୀଙ୍କ ବର୍ଜିତ ଅଳିଆ ବିଶୋଧନ ହୋଇ କମ୍ପୋଷ୍ଟ ହେଉଥିଲା। ଛେଣ୍ଡର ୬୦ଏକର ଜମିରେ ସାନିଟାଇଜ ଲ୍ୟାଣ୍ଡଫିଲ କରାଯାଇ ସହରକୁ ଆବର୍ଜନାମୁକ୍ତ କରିବା ସହ ମଶାମାଛି ମୁକ୍ତ କରିବାକୁ ପ୍ରୟାସ ହେଉଥିଲା। ୨୦୧୧ ପରେ ଜନସଂଖ୍ୟା ୪ଲକ୍ଷକୁ ବୃଦ୍ଧି ପାଇଲା। ଦୈନିକ ୧୫୦ଏମ୍‌ଟି ଆବର୍ଜନା ସଲିଡ୍ ୱେଷ୍ଟ ପୁନଃଚକ୍ରଣ ମାଧ୍ୟମରେ ବିଶୋଧନ କରାଗଲା। ଦୈନିକ ୩୩୩ ସିୟୁଏମ୍ ସଲିଡ ୱେଷ୍ଟରୁ ୬୭ ସିୟୁଏମ୍ ସଲିଡ ୱେଷ୍ଟ ପୁନଃଚକ୍ରଣ ହୋଇ କମ୍ପୋଷ୍ଟ ଖତ ଉତ୍ପାଦନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହେଲା। ଆର୍‌ଏସ୍‌ମି ପକ୍ଷରୁ ସହରାଞ୍ଚଳରେ ମଶାମାଛି ପ୍ରାଦୁର୍ଭାବ ରୋକିବା ପାଇଁ ପାଇଁ ପ୍ରତ୍ୟେକ ଦିନ ରୁଟିନ ଅନୁଯାୟୀ ସହରସାରା ଯାନ ମାଧ୍ୟମରେ ମଶାମରା ଧୂଆଁ ପ୍ରୟୋଗ କରାଗଲା। ଏହାବ୍ୟତୀତ ୮ଟି ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ରରେ ସଲିଡ ୱେଷ୍ଟ ପୁନଃଚକ୍ରଣ ହେଲା। ଏହାସତ୍ତ୍ୱେ ସହର ଆବର୍ଜନା ବଳୟରୁ ମୁକ୍ତ ହୋଇ ନ ପାରିବାରୁ ସହରବାସୀଙ୍କ ସ୍ୱାସ୍ଥ୍ୟ ପାଇଁ ସମସ୍ୟା ସାଜୁଛି। ସହରରୁ ଗାର୍ବେଜ, ଅଳିଆ କୁଣ୍ଡ ବ୍ୟବସ୍ଥା କେବେଠାରୁ ବନ୍ଦ ହୋଇଯାଇଛି। ସହରରେ ଗଚ୍ଛିତ ଆବର୍ଜନା ଅଳିଆଉଠା ଯାନ ଦ୍ୱାରା ଉଠୁଛି। ଦୈନିକ ୪୧ୱାର୍ଡରୁ ଅଳିଆ ଉଠା ହେଉଥିଲେ ସୁଦ୍ଧା ଅଧିକାଂଶ ସ୍ଥାନରୁ ନିୟମିତ ଅଳିଆ ଉଠୁନାହିଁ। ବିଶ୍ରା ଛକ ବସଷ୍ଟାଣ୍ଡ, ତରକେରା, ପାନପୋଷ ବସ୍ତିର ଶବ ବ୍ୟବଚ୍ଛେଦ କେନ୍ଦ୍ର ପରିସର, ଛେଣ୍ଡର ବିଭିନ୍ନ ବସ୍ତି, ବାଲୁଘାଟ ଓ ବାସନ୍ତୀ ନଗର ଅଞ୍ଚଳ ଏବଂ ଶ୍ରମ ବିଭାଗ ପଛପଟେ ଗଚ୍ଛିତ ଅଳିଆ ଆବର୍ଜନା ଦିନ ଦିନ ଧରି ଉଠୁନାହିଁ। ଫଳରେ ଗଚ୍ଛିତ ଅଳିଆ ଗଦାରୁ ମଶାମାଛି ବଂଶବିସ୍ତାର ହେଉଛି । ଏଣୁ ତୁରନ୍ତ ଏ ନେଇ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ଏ ନେଇ ଆର୍‌ଏମ୍‌ସି ସାନିଟାଇଜ ନିର୍ବାହୀ ସହଯୋଗୀ ରୋହିତ ଗିଧିଙ୍କୁ ପଚାରିବାରୁ ସେ କହିଲେ, ସହରବାସୀ କିଭଳି ମଶାମାଛି ଜନିତ ସଂକ୍ରମଣରୁ ସୁରକ୍ଷିତ ରହିବେ ସେ ନେଇ ସହରକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ପରିମଳ ରଖିବା ପାଇଁ ଆପ୍ରାଣ ଉଦ୍ୟମ ଚାଲିଛି। ସହରର ସଲିଡ୍ ୱେଷ୍ଟକୁ ଉଠାଯାଇ ପୁନଃଚକ୍ରଣ ମାଧ୍ୟମରେ ବିଶୋଧନ କରାଯାଉଛି। ଆଗକୁ ସହରାଞ୍ଚଳରେ ଯେଭଳି ସମ୍ପୂର୍ଣ୍ଣ ପରିମଳ ବଜାୟ ରହିବ ତାହା ଉପରେ ଯୋଜନା ପ୍ରସ୍ତୁତ ଚାଲିଛି ବୋଲି ଗିଧି କହିଥିଲେ।



ରାଉରକେଲା ଶ୍ରମ ବିଭାଗ ଅଫିସ ପଛପଟେ ଅଳିଆ ଗଦା ହୋଇଛି।

## ରିମ୍ସରେ ଗ୍ରାଜୁଏଶନ ଦିବସ

ରାଉରକେଲା,୨।୩(ଦିନେଶ ମିଶ୍ର)

ଛେଣ୍ଡ କଲୋନିସ୍ଥିତ ରିମ୍ସ ଏଚ୍‌ଆରଡି କକ୍ଷରେ ଶନିବାର ଗ୍ରାଜୁଏଶନ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଏହାକୁ ଉଦ୍‌ଘାଟନ କରି ଶିକ୍ଷାକ୍ରମ ସମାପ୍ତ କରିଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ରିମ୍ସ ସମ୍ପାଦକ ଡ. ଆର୍ଯ୍ୟ ପଟ୍ଟନାୟକ ଆଭାସୀ ଭାବେ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ବ୍ୟାଚ୍‌ର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ନିଜର ସାର୍ଟିଫିକେଟ୍ ଗ୍ରହଣ କରିଥିଲେ। ନିର୍ଦ୍ଦେଶକ ଡ. କରୁଣାକର ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ସ୍ୱାତୀ ସିଂ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରଫେସର ଅରିଫା ଖାନ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ରାଉରକେଲା,୨।୩(ସଙ୍ଗୀତା ଜେନା)

ରାଉରକେଲା ରେଳବାଇ ଷ୍ଟେଶନ ପ୍ଲାଟଫର୍ମ ନଂ ୨ ଝାରସୁଗୁଡ଼ା ପଟ ଫୁଟ୍ ଓଭର ବ୍ରିଜ୍ ନିକଟରେ ଶନିବାର ରାତି ୧୧ଟାରେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଜିଆର୍‌ପି ପୋଲିସ ଜବତ କରିଛି। ମୃତକଙ୍କ ବୟସ ପ୍ରାୟ ୬୫ ବର୍ଷ ହେବ। ମୃତଦେହକୁ ଆରଜିଏଚ୍ ମର୍ଗ ହାଉସରେ ରଖାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୫) ରୁଜୁ କରିଛି।

## ଡକାୟତି ଯୋଜନା ବେଳେ ଚଢ଼ାଉ, ୬ ଗିରଫ



ପ୍ଲାଣ୍ଟସାଇଟ୍ ଥାନାରେ ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ରାଉରକେଲା,୨।୩(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ସେକ୍ଟର-୨୧ କଂଗ୍ରେସ ଭବନ ପଛପଟେ ଶନିବାର ରାତିରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢାଉ କରି ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲୀ ଅଞ୍ଚଳର ମହମ୍ମଦ ଅରବାଜ(୨୧), ମହମ୍ମଦ ଅରମାନ୍(୨୦), ରାହୁଲ ମହାରଣା(୨୨), ଏସ୍. କେ. ସଲମାନ୍(୨୪), ରେଳବାଇ କଲୋନୀର ଦୀପକ ଷଣ୍ଢ(୨୯) ଏବଂ ଟିମ୍ବର କଲୋନିର ଆକାଶ ସିଂହ(୨୩)। ସେମାନଙ୍କଠାରୁ ଗୋଟିଏ ଦେଶୀ ପିସ୍ତଲ, ୨ଟି ଲୁହାରଡ୍, ୨ଟି ଛୁରି, ଖଣ୍ଡା ଓ ଅନ୍ୟ ସାମଗ୍ରୀ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୫/୨୫) ରୁଜୁ କରି ରବିବାର ଅପରାହ୍ନ ୪ଟାରେ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଉକ୍ତ ଦୁର୍ବୃତ୍ତମାନେ ନିଛାଟିଆ ସ୍ଥାନରେ ଏକାଠି ହୋଇ ମାରଣାସ୍ତ୍ର ସହ ଘର, ଦୋକାନ, ପେଟ୍ରୋଲ ପମ୍ପ ଆଦିରେ ଡକାୟତି ଯୋଜନା କରୁଥିଲେ। ଖବର ପାଇ ପୋଲିସ ଅଧିକାରୀ ଏସ୍. ଏନ୍. ଦଳେଇ ପାଟ୍ରୋଲିଂ ଟିମ୍ ସହ ତୁରନ୍ତ ସେଠାରେ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲେ।

## ତାତି ବଢ଼ିଲାଣି: ବଢୁଛି ପଇଡ଼, ତରଭୁଜ ଚାହିଦା

ରାଉରକେଲା,୨।୩(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସହରରେ ଗତ ସପ୍ତାହେ ହେଲା ତାପମାତ୍ରା ବଢିବାରେ ଲାଗିଛି। ଫଳରେ ଦିନବେଳା ପ୍ରବଳ ଖରା ହେଉଛି। ସହରବାସୀ ବିଭିନ୍ନ ସ୍ଥାନକୁ କର୍ମ ସାଧନ ପାଇଁ ଯାଉଥିବା ବେଳେ ଖରାରୁ ସାମାନ୍ୟ ଆସ୍ୱସ୍ତି ପାଇବା ପାଇଁ ପ୍ରକାର ଥଣ୍ଡା ପାନୀୟ ଉପରେ ବିଶେଷ ରୁଚି ଦେଖାଉଥିବା ପରିଲକ୍ଷିତ ହେଉଛି। ତେବେ ବୃଦ୍ଧି ପାଉଥିବା ତାତି ସାଙ୍ଗକୁ ବଜାରରେ ବିଭିନ୍ନ ଥଣ୍ଡା ପାନୀୟର ଚାହିଦା ମଧ୍ୟ ବେଶ୍ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ସହରବାସୀ ପଇଡ ଓ ତରଭୁଜକୁ ବେଶୀ ପସନ୍ଦ କରୁଛନ୍ତି। ସହରର ଉଦିତ ନଗର ଛକ, ଡେଲି ମାର୍କେଟ ରୋଡ୍, ଏସ୍‌ଟିଆଇ ଛକ, ବିଶ୍ରା ଛକ ସମେତ ଶିଳ୍ପାଞ୍ଚଳର ବିଭିନ୍ନ ଛକରେ ପଇଡ ଓ ତରଭୁଜ ପସରା ଦେଖିବାକୁ ମିଳୁଛି। ବର୍ତ୍ତମାନ ପଇଡ ପିଛା ୬୦/୭୦ଟଙ୍କାରେ ବିକ୍ରି ହେଉଥିବା ବେଳେ ତରଭୁଜ ପିଛା ୨୦/୩୦ଟଙ୍କାରେ ବିକ୍ରି ହେଉଛି। ଆଗକୁ ତାତି ବଢିଲେ ପଇଡ ଏବଂ ତରଭୁଜ ଦର ଆହୁରି ବୃଦ୍ଧି ପାଇବା ସମ୍ଭାବନା ରହିଛି।



ଉଦିତନଗର ଛକରେ ପଇଡ ପସରା।

## ସାହିତ୍ୟ ସର୍ବଦା ଋଦ୍ଧିମନ୍ତ, ସରଳ ହେବା ଆବଶ୍ୟକ

### ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର

ରାଉରକେଲା,୨।୩(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ବାସନ୍ତୀ ପାଠାଗାର ପରିସରରେ ଶନିବାର ମାସିକ ସାହିତ୍ୟ ଆସର ସଭାପତି ଡ. ଶକ୍ତିପ୍ରସାଦ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂ. ନବଘନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟ ସର୍ବଦା ଋଦ୍ଧିମନ୍ତ ଓ ସରଳୀକରଣ ହେବା ଆବଶ୍ୟକ। ତେଣୁ ସାହିତ୍ୟିକମାନେ ସମାଜ ପରିବର୍ତ୍ତନ ଦିଗରେ ସର୍ବଦା ଲେଖନୀ ଚାଳନା କରିବା ପାଇଁ ସାହୁ ମତପୋଷଣ କରିଥିଲେ। ଏହି ଅବସରରେ ବିଶ୍ୱକୁ ଗବାକ୍ଷ: ଏକ ବୌଦ୍ଧିକ ଚେତନା ଶୀର୍ଷକ ଉପରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ରାଜ କୁମାର ମହାନ୍ତି ଯୋଗଦେଇ ବୌଦ୍ଧିକ ଚେନତାର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ। ପରେ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶପଥୀ ଗଳ୍ପପାଠ କରିଥିଲେ। ପାଠାଗାରର ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି କୁଞ୍ଜବିହାରୀ ରାଉତ ଓ ଅର୍ଚ୍ଚନା ପାତ୍ରଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲାର ବହୁ କବି ଓ କବୟିତ୍ରୀ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। ପାଠାଗାର ସାଂସ୍କୃତିକ ସମ୍ପାଦିକା ସୁଭାଷିନୀ ସାହୁ ସଭା ପରିଚାଳନା କରିଥିଲେ। ସହରର ବହୁ ସାହିତ୍ୟପ୍ରେମୀ ଓ କବୟିତ୍ରୀ କବି ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭ୍ୟା କବିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଏପ୍ରିଲ ୩ରୁ ବାସନ୍ତିକ ଦୁର୍ଗାପୂଜାର ସୁବର୍ଣ୍ଣ ଜୟନ୍ତୀ

ରାଉରକେଲା,୨।୩(ବିପ୍ଲବ ରଞ୍ଜନ ଦାଶ)

ସେକ୍ଟର-୩ ବାସନ୍ତୀ ପୂଜା ପଡିଆରେ ବାସନ୍ତୀ ପରିଷଦ ଇସ୍ପାତ ସହର ରାଉରକେଲା ୪୯ ବର୍ଷ ଧରି ବାସନ୍ତୀ ଦୁର୍ଗାପୂଜା ପାଳନ କରିଆସୁଛି। ଚଳିତବର୍ଷ ମା'ଙ୍କ ପୂଜା ୫୦ ବର୍ଷରେ ପଦାର୍ପଣ କରୁଥିବା ବେଳେ ସୁବର୍ଣ୍ଣ ଜୟନ୍ତୀକୁ ଧୁମ୍‌ଧାମ୍‌ରେ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତ ବର୍ଷ ଏପ୍ରିଲ ୩ ତାରିଖ ଷଷ୍ଠୀଠାରୁ ପୂଜା ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ୧୩ ଦିନ ବ୍ୟାପୀ ଚାଲିବ। ୧୬ ତାରିଖରେ ଭସାଣୀ ଅନୁଷ୍ଠିତ ହେବ। ଅଷ୍ଟମୀ, ନବମୀ ଓ ଦଶମୀରେ ପାଲା ମହୋତ୍ସବ ଏବଂ ଏପ୍ରିଲ ୮ ଓ ୯ ତାରିଖରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହେବ। ଏହାବ୍ୟତୀତ ୫ ଦିନ ଧରି ସୋଲୋ, ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତା ହୋଇ ୧୫ ତାରିଖରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସେହିପରି ସୁବର୍ଣ୍ଣ ଜୟନ୍ତୀ ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ରହିଛି। ଏ ନେଇ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ଅନିରୁଦ୍ଧ ବିଶ୍ୱାଳ, ସାଧାରଣ ସମ୍ପାଦକ ସତ୍ୟବାନ ରାଉତ, କୋଷାଧ୍ୟକ୍ଷ ଏଚ୍. କେ. ପରିଡା, ଉପସଭାପତି ରବିନ୍ଦ୍ର କୁମାର ବାରିକ, ଉଗ୍ରସେନ ବିଶ୍ୱାଳ, ଆଇ. ସି. ଗୁପ୍ତ, ସଂଯୋଜକ ସଞ୍ଜୀବ କୁମାର ନାୟକ, ଯୁଗ୍ମ ସମ୍ପାଦକ ବି. ଏସ୍. ଦାସ, ରାଜପ୍ତି ପାଲ, ଏ. କେ. ସାହୁ, କାର୍ତ୍ତିକ ଖଣ୍ଡୁଆଳ, କାର୍ଯ୍ୟକାରୀ ସଦସ୍ୟ ଗିରିଶ ଚନ୍ଦ୍ର ଶତପଥୀ, କେଶବ ତାଣ୍ଡି, ସୁବାଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

## ରାସାୟନିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍ ଡ୍ରିଲ

ରାଉରକେଲା,୨।୩(ବିପ୍ଲବ ରଞ୍ଜନ ଦାଶ)

ରାସାୟନିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ଆର୍‌ଏସ୍‌ପିର କୋକ୍ ଓଭେନ ବ୍ୟାଟେରୀ-୬ ପରିସରରେ ଗ୍ୟାସ୍ ଲିକେଜ ଉପରେ ଏକ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ବୈଧାନିକ ଆବଶ୍ୟକତାର ଅଂଶସ୍ୱରୂପ ଆର୍‌ଏସ୍‌ପିର ଅନ୍‌ସାଇଟ ଓ ଅଫ୍‌ସାଇଟ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଏବଂ ଏହାସହିତ ଜଡିତ କର୍ମଚାରୀଙ୍କ ସୁରକ୍ଷିତ କାର୍ଯ୍ୟଧାରାକୁ ଦୃଷ୍ଟିରେ ରଖି ଏହି ଏକ୍ସରସାଇଜ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ସୁନ୍ଦରଗଡ ଉପ ଜିଲାପାଳ ଅଶ୍ୱିନୀ କୁମାର ପଣ୍ଡା, ଇନ୍‌ସିଡେଣ୍ଟ କମାଣ୍ଡାଣ୍ଟ ଓ ରାଉରକେଲା ତହସିଲଦାର ସୁଶ୍ରୀ ନିବେଦିତା ପ୍ରଧାନ, ଏଫ୍ ଏଣ୍ଡ ବିର ଉପ ନିର୍ଦ୍ଦେଶକ ବିଭୁ ପ୍ରସାଦ, ସହାୟକ ନିର୍ଦ୍ଦେଶକ ଶୁଭେନ୍ଦୁ କୁମାର ରାଉତ, ଏସ୍‌ପିସିବିର ଆରଓ ଡ. ଏ. କେ. ମଲ୍ଲିକ ଏବଂ ଟିମ୍, ଡିଆଇସିର ସେକ୍ସନ ଅଫିସର ବିକାଶ ପାତ୍ର, ସିଓ ଏଣ୍ଡ ସିସିଡିର ସିଜିଏମ୍ ରାକେଶ ଯୋଶୀ, ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗ ସିଜିଏମ୍ ସୁଶ୍ରୀ ଆଶା କାର୍ଥା, ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା, ସିଆଇଏସ୍‌ଏଫ୍ ଓ ଓଡ୍ରାଫ୍ ଟିମ୍ ରାଜ୍ୟ ଅଗ୍ନିଶମ ସେବା, ଏଫ୍‌ଏମ୍ ଏବଂ ଟିଏମ୍ ବିଭାଗ, ମେଡିକାଲ ଏବଂ ପୋଲିସ ଦଳ ଓ ଶିଳ୍ପ ବିଭାଗର ସଦସ୍ୟମାନେ ଉପସ୍ଥିତ ଥିଲେ। ଆର୍‌ଏସ୍‌ପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପଲାଇ ଏଭଳି ଅଭ୍ୟାସ ଆୟୋଜନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଯୋଜନାକୁ ବୈଧ କରିବା ଏବଂ ଉନ୍ନତି କ୍ଷେତ୍ର ଚିହ୍ନଟରେ ଅଭ୍ୟାସ ବିଶେଷ ସହାୟକ ହେବ ବୋଲି କହିଥିଲେ। ଓଡ୍ରାଫ, ଅଗ୍ନିଶମ ସେବା ଓ ସିଆଇଏସ୍‌ଏଫ୍ ସଦସ୍ୟମାନଙ୍କୁ ନେଇ ଗଠିତ ୩ ଦଳ ଯଥା ଦ୍ରୁତ କାର୍ଯ୍ୟ ସମ୍ପାଦନ ଟିମ୍, ଉଦ୍ଧାର ଦଳ ଏବଂ ସହାୟକ ଦଳ କୋକ୍ ଓଭେନ ବ୍ୟାଟେରୀ-୬ ସେଲ୍ କ୍ଷେତ୍ରରେ କୋକ ଓଭେନ ବିଭାଗ, ଗ୍ୟାସ ଲିକେଜ ବିଷୟ ଉପରେ ଆୟୋଜିତ ମକ୍ ଡ୍ରିଲରେ ସାମିଲ ହୋଇଥିଲେ। କୌଣସି ପରିସ୍ଥିତିରେ ମୁକାବିଲା ପାଇଁ ଉଚ୍ଚସ୍ତରୀୟ ପ୍ରସ୍ତୁତି ବଜାୟ ରଖିବା ଲକ୍ଷ୍ୟରେ ସମୟ ସମୟରେ ଆରଏସପିର ରଣନୈତିକ ୟୁନିଟ ଗୁଡିକରେ ଏପରି ମକ୍ ସେଫ୍ଟି ଡ୍ରିଲ ଆୟୋଜନ କରାଯାଉଛି। ଅବକାଶ ବେହେରା କାର୍ଯ୍ୟକ୍ରମ ସଂଯୋଜନା ଏବଂ ସୁଶ୍ରୀ ଆଶା କାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ।



ଆର୍‌ଏସ୍‌ପି ପରିସରରେ ମକ୍ ଡ୍ରିଲ କରାଯାଉଛି।

## ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ସମ୍ମିଳନୀ

ରାଉରକେଲା,୨।୩(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧ସ୍ଥିତ ଡିଭାଇନ୍ ଲାଇଫ୍ ଏକାଡେମୀ ପରିସରରେ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଜିଲା ସମ୍ମିଳନୀ ରବିବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ସନ୍ତୋଷ ନାୟକଙ୍କ ଆବହକତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଅଲ୍ ଓଷ୍ଟାର ପୂର୍ବତନ ସଭାପତି କୁଞ୍ଜ ବିହାରୀ ରାଉତ ସଭାପତିତ୍ୱ କରିଥିଲେ। ରାଜ୍ୟ ଓଷ୍ଟା ସଭାପତି ଅକ୍ଷୟ ମିଶ୍ର, ଜିଲା ଓଷ୍ଟା ଉପଦେଷ୍ଟା ବ୍ରଜେନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ସ୍ୱାଇଁ, ପୂର୍ବତନ ସଦସ୍ୟ ରମାକାନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ୧୦ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ଅହୋରାତ୍ର ଗଣଧାରଣାକୁ ସଫଳ କରାଇବା ସହିତ ସରକାରଙ୍କ ଶିକ୍ଷକ ମାରଣ ନୀତିର ଦୃଢ଼ ପ୍ରତିବାଦ କରାଯିବ। ମିଳିତ ମଞ୍ଚର ବିଭିନ୍ନ ଦାବି ଦାବିରେ ଭୁବନେଶ୍ୱର ଗାନ୍ଧୀ ମାର୍ଗଠାରେ ଅନିର୍ଦ୍ଦିଷ୍ଟକାଳ ଅହୋରାତ୍ର ଗଣଧାରଣା ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ଏଥିରେ ଶିଶିର ପାଣି, ପ୍ରଫୁଲ ସ୍ୱାଇଁ, ହୃଷୀକେଶ ନାୟକ, ମଙ୍ଗଲୁ ମହାନ୍ତ, କୃଷ୍ଣଚନ୍ଦ୍ର ସାହୁ, ଜଗନ୍ନାଥ ମହାନ୍ତ, ସୁଦର୍ଶନ ଦାସ, ଅମୂଲ୍ୟ ସାମଲ, ଦୈତାରୀ ଠାକୁର, ସରୋଜ ସାହୁ, ବିନୋଦ ବିହାରୀ ସାହୁ, ବିଜୟ ରଥ ପ୍ରମୁଖ ଯୋଗ ଦେଇଥିଲେ।

## କବିତା ସଙ୍କଳନ 'ସ୍ୱାତୀ ନକ୍ଷତ୍ରର ଝିଅ' ଉନ୍ମୋଚିତ

ରାଉରକେଲା,୨।୩(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଧାମରା ସଂଘ ପରିସରରେ ରବିବାର କବି ସୁଶାନ୍ତ କୁମାର ନାୟକଙ୍କ ଚତୁର୍ଥ କବିତା ସଂକଳନ 'ସ୍ୱାତୀ ନକ୍ଷତ୍ର ଝିଅ' ଉନ୍ମୋଚନ ଓ ସାହିତ୍ୟ ଆଲୋଚନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସାହିତ୍ୟିକ ଇଂ. ଭାରତ ଭୂଷଣ ମହାନ୍ତି ମୁଖ୍ୟଅତିଥି, କବି ସୁରେଶ ନାୟକ ମୁଖ୍ୟବକ୍ତା, ବିଜୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବିଙ୍କ ଜୀବନ ଆଉ କବିତା ଉପରେ ଆଲୋଚନା କରିଥିଲେ। ପ୍ରାବନ୍ଧିକ ଡ. ନଗେନ ଦାସ ଏକ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଧାମରା ସଂଘ ଉପସଭାପତି ଉପେନ୍ଦ୍ର ନାୟକ ସ୍ୱାଗତ ଭାଷଣ ଏବଂ କବି ଅଙ୍ଗୁରବାଳା ପରିଡା ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ନାୟକଙ୍କୁ ଧାମରା ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ରଶ୍ମିବାଳା ରାଉତରାୟଙ୍କ ସଭାପତିତ୍ୱରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟଲକ୍ଷ୍ମୀ ପଟ୍ଟନାୟକ, କବି କୁଞ୍ଜବିହାରୀ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଡ. ଲକ୍ଷ୍ମୀ ମାଝୀ, ଅଧ୍ୟାପିକା ଶେଫାଳି ବାରିକ, ହରପ୍ରିୟା ସାମଲ କବିତାଗୁଡିକ ସଂଯୋଜନା କରିଥିଲେ। ସସ୍ମିତା ପ୍ରଧାନ, ସୁଚିସ୍ମିତା ପଣ୍ଡା, ନିରୁପମା ନାୟକ, କନକଲତା ମିଶ୍ର, ଗୀତାରାଣୀ ବେହେରା ସହଯୋଗ କରିଥିଲେ।



ଅତିଥିମାନେ କବିତା ସଙ୍କଳନକୁ ଉନ୍ମୋଚନ କରୁଛନ୍ତି।

## ରାସ୍ତାକଡ଼ ପରିବା ବିକାଳିଙ୍କୁ ଜୁଲୁମ

ରାଉରକେଲା,୨।୩(ଦିନେଶ ମିଶ୍ର)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଟ୍ରାଫିକ୍ ଗେଟ୍ ତାରିଣୀ ମନ୍ଦିର ପ୍ରବେଶ ପଥ ମାର୍କେଟରେ ରବିବାର ସନ୍ଧ୍ୟା ୬ଟାରେ ପରିବା ବିକ୍ରିକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ରାସ୍ତାକଡ଼ରେ ବସି ପରିବା ବିକୁଥିବା ବ୍ୟବସାୟୀଙ୍କ ପରିବା, ନିକିତି ଆଦି ସାମଗ୍ରୀଗୁଡିକୁ ମାର୍କେଟ୍‌ର କିଛି ବ୍ୟବସାୟୀ ଛଡାଇ ନେବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା।

ଅଭିଯୋଗ ଅନୁସାରେ, ଟ୍ରାଫିକ୍ ଗେଟ୍ ମାର୍କେଟ ଭିତରେ ଶତାଧିକ ବ୍ୟବସାୟୀ ପରିବା ବିକ୍ରି କରିଥାନ୍ତି। ତେବେ ଏହି ମାର୍କେଟକୁ ଯଦି ଅନ୍ୟ କେହି ପରିବା ବିକାଳି ଆସନ୍ତି ସେଠାକାର ବ୍ୟବସାୟୀ ସେମାନଙ୍କୁ ପରିବା ବିକ୍ରି କରିବାକୁ ନ ଦେଇ ହଇରାଣ କରନ୍ତି। ଏପରିକି ବାହାରୁ ଆସୁଥିବା ବ୍ୟବସାୟୀଙ୍କଠାରୁ ଦିନକୁ ୨ରୁ ୫ଶହ ଟଙ୍କା ଲେଖାଏଁ ବିନା ରସିଦରେ ଆଦାୟ କରାଯାଉଛି। ଅନ୍ୟପକ୍ଷେ ମାର୍କେଟର ବହୁ ସ୍ଥାୟୀ ବ୍ୟବସାୟୀ ନିଜ ନାଁରେ ଏକାଧିକ ଜାଗା କବ୍‌ଜା କରିବା ସହ ଉକ୍ତ ଜାଗାକୁ ଭଡା ଦେଇ ଅର୍ଥ ରୋଜଗାର କରୁଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଟ୍ରାଫିକ୍ ଗେଟ୍ ନିକଟରେ ରେଳ ଷ୍ଟେଶନ ଥିବାରୁ ବହୁ ପରିବା ବିକାଳି ଟ୍ରେନ୍‌ରେ ଯାଆସ କରୁଛନ୍ତି। ସେମାନେ ବ୍ୟବସାୟ କରିବା ପରେ ଟ୍ରେନ୍ ଧରି ନ ପାରିଲେ ବଳକା ପରିବାକୁ କମ୍ ଦରରେ ବିକ୍ରି କରିଦିଅନ୍ତି। ବହୁ ଗ୍ରାହକ ଟ୍ରାଫିକ୍ ଗେଟ୍ ମାର୍କେଟ ଭିତରକୁ ପରିବା କିଣିବାକୁ ଯାଆନ୍ତି ନାହିଁ। ଫଳରେ ମାର୍କେଟର ବ୍ୟବସାୟୀ ରାସ୍ତାକଡ଼ ପରିବା ବିକାଳିମାନଙ୍କ ଉପରେ ଜୁଲୁମ କରୁଥିବା ଅଭିଯୋଗ ହେଉଛି। ଏହାକୁ ନେଇ ରବିବାର ସନ୍ଧ୍ୟାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପ୍ଲାଣ୍ଟସାଇଟ୍ ପୋଲିସ ସେଠାରେ ପହଞ୍ଚି ଟ୍ରାଫିକ୍ ଗେଟ୍ ମାର୍କେଟର କିଛି ବ୍ୟବସାୟୀଙ୍କୁ ଥାନାକୁ ଆଣି ଆଗକୁ ଏଭଳି ପରିସ୍ଥିତି ନ ଘଟାଇବା ଓ ଆଇନ ହାତକୁ ନ ନେବା ପାଇଁ ଲିଖିତ ସର୍ତ୍ତାବଳୀ ରଖି ଛାଡିଦେଇଛି। ଏ ନେଇ ଥାନା ସବ୍‌ଇନ୍ସପେକ୍ଟର ସୁବ୍ରତ ପଣ୍ଡା କହିଛନ୍ତି, ରାସ୍ତାକଡ଼ ବ୍ୟବସାୟୀଙ୍କୁ ଏଭଳି ହଇରାଣ କରିବାର ଅଧିକାର ଟ୍ରାଫିକ୍ ଗେଟ୍ ମାର୍କେଟ ବ୍ୟବସାୟୀଙ୍କର ନାହିଁ। ଆଗାମୀ ଦିନରେ ଏଭଳି କୌଣସି ଅପରିସ୍ଥିତି ଉପୁଜିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପଣ୍ଡା କହିଥିଲେ।



ଟ୍ରାଫିକ୍ ଗେଟ୍ ରାସ୍ତାକଡ଼ ପରିବା ବିକାଳିଙ୍କ ଜିନିଷ ଫିଙ୍ଗା ଫୋପଡା ହୋଇଛି।

## ସଂକ୍ଷେପରେ

### ପାୟଲଙ୍କୁ ରାଷ୍ଟ୍ରୀୟ ଯୁବ ପ୍ରତିଭା ସମ୍ମାନ

ସମ୍ବଲପୁର, ୨।୩(ଭବାନୀ ଶଙ୍କର ଭୋଇ)

ସମାଜ କଲ୍ୟାଣ ଫେଡେରେଶନ ଅଫ ଇଣ୍ଡିଆର ତୃତୀୟ ସ୍ଥାପନା ଦିବସ ରବିବାର ନୂଆଦିଲ୍ଲୀସ୍ଥିତ ଫ୍ଲୋରେନ୍ସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁର ଆମଷଡା-କଟାପାଲି ବାସିନ୍ଦା ସତ୍ୟନାରାୟଣ ପ୍ରଧାନଙ୍କ ଝିଅ ସମ୍ବଲପୁରୀ ନୃତ୍ୟଶିଳ୍ପୀ ପାୟଲ ପ୍ରଧାନଙ୍କୁ ରାଷ୍ଟ୍ରୀୟ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଛି। ଦେଶର ବିଭିନ୍ନ ରାଜ୍ୟରୁ ଅନ୍ୟ ୫୦ଜଣ ପ୍ରତିଭାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପାୟଲଙ୍କୁ ଯୁବ ନୃତ୍ୟଶିଳ୍ପୀଭାବେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଉତ୍ସବରେ ପିଟ୍ ଗ୍ରେଟର ନୋଏଡାର ଅଧ୍ୟକ୍ଷ ଡ ଭରତ ସିଂହ ମୁଖ୍ୟ ଅତିଥି, ଡା ଏନ.କେ ସିଂହ, ଡାକ୍ତର ଗୌରବ ଗୁପ୍ତା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଫେଡେରେଶନ ଅଧ୍ୟକ୍ଷ ଜିତେନ୍ଦ୍ର ବଚ୍ଛନ, ରାଷ୍ଟ୍ରୀୟ ସଂଯୋଜକ ସୁଧୀର ଶ୍ରୀବାସ୍ତବ, ମନୋଜ ଶ୍ରୀବାସ୍ତବ ଉପସ୍ଥିତ ଥିଲେ। ପାୟଲ ବର୍ତ୍ତମାନ ନୂଆଦିଲ୍ଲୀରେ ରହୁଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରି ଓଡ଼ିଶାର ଲୋକନୃତ୍ୟକୁ ବେଶ ଲୋକପ୍ରିୟ କରିପାରିଛନ୍ତି।

### ଧର୍ମକୁ ଜାଣିଲେ ସଦ୍‌ମାର୍ଗରେ ପରିଚାଳିତ ହେବେ

ସମ୍ବଲପୁର, ୨।୩(ଭବାନୀ ଶଙ୍କର ଭୋଇ)

ସିଦ୍ଧେଶ୍ୱରୀ ଧର୍ମ ସଂସଦ ସମ୍ବଲପୁର ପକ୍ଷରୁ ପଟ୍ଟନାୟକପଡାସ୍ଥିତ କାର୍ଯ୍ୟାଳୟରେ ଗୋପୀନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ରବିବାର ଶିବତତ୍ତ୍ୱ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେବା ପରେ ଶଙ୍କର୍ଷଣ ଆଚାର୍ଯ୍ୟ ଶିବତତ୍ତ୍ୱ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିବ ସଂହାର କର୍ତ୍ତାଭାବେ ଜୀବ ଜଗତର ମଙ୍ଗଳ କରନ୍ତି। ସେ ସମସ୍ତ ଶକ୍ତିର ଆଧାର ବୋଲି ଆଲୋଚନାଚକ୍ରରେ ବକ୍ତାମାନେ ମତ ଦେଇଥିଲେ। ଅନ୍ୟତମ ବକ୍ତା ଅମୀୟ ପାଣି କହିଥିଲେ ଶିବ ହେଉଛନ୍ତି, ମଙ୍ଗଳମୟ ଓ ମୁକ୍ତିଦାତା। ସଭାପତୀୟ ବକ୍ତବ୍ୟରେ ଷଡଙ୍ଗୀ କହିଥିଲେ,ସିଦ୍ଧେଶ୍ୱରୀ ଧର୍ମ ସଂସଦ ସବୁବେଳେ ଧର୍ମ ଆଧାରିତ ତଥ୍ୟ ଉପରେ ଲୋକଙ୍କୁ ସଚେତନ କରିବା ଦିଗରେ କାର୍ଯ୍ୟ କରି ଆସୁଛି। ଲୋକେ ନିଜ ଧର୍ମ ଏବଂ ଏବଂ ପରମ୍ପରା ବିଷୟରେ ଜାଣିଲେ ହିଁ ସଦ୍‌ମାର୍ଗରେ ପରିଚାଳିତ ହୋଇପାରିବେ।

### ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ବିବିଧ ପ୍ରତିଯୋଗିତା

ସମ୍ବଲପୁର, ୨।୩(ଭବାନୀ ଶଙ୍କର ଭୋଇ)

ଜିଲା ସମାଜ ମଙ୍ଗଳ ବିଭାଗ ତରଫରୁ ରବିବାର ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଆଙ୍ଗନବାଡ଼ି କର୍ମୀ ସହାୟିକାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସରରେ ଆଙ୍ଗନବାଡ଼ି କର୍ମୀ ଏବଂ ସହାୟିକାମାନେ କବାଡି, ଖୋଖୋ ଓ ରଶିଟଣା, ଗୀତ ଓ ରଙ୍ଗୋଲି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଜିଲାର ୯ଟି ବ୍ଲକ ଓ ସମ୍ବଲପୁର ମହାନଗର ନିଗମର ପ୍ରତିଯୋଗୀମାନେ ଯୋଗଦେଇଥିଲେ। ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଲୋକିତା ଦାସଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା। ଭୁବନେଶ୍ୱରରେ ପାଳିତ ହେବାକୁ ଥିବା ରାଜ୍ୟସ୍ତରୀୟ ଅନ୍ତର୍ଜାତିକ ମହିଳା ଦିବସରେ ଆଜିର କୃତି ପ୍ରତଯୋଗିମାନଙ୍କୁ ପୁରସ୍କୃତ କରାଯିବ। ଏହି ଅବସରରେ ଜିଲାସ୍କୁଲଠାରେ ଜିଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ଜିଲା ଶିକ୍ଷା ବିଭାଗ ସହଯୋଗରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ମହିଳା ସଶକ୍ତିକରଣ ଉପରେ ଚିତ୍ରାଙ୍କନ, ରଚନା ଓ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୮୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ସବୁ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରରେ ମହିଳା ଦିବସରେ ପୁରସ୍କୃତ କରାଯିବା ନିମନ୍ତେ ଚୟନ କରାଯାଇଥିଲା।

# ଆରମ୍ଭ ହେଲା ସ୍ୱେରେଜ ସଂଯୋଗ

ସମ୍ବଲପୁର, ୨।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମର କିଛି ଅଞ୍ଚଳରେ ସ୍ୱେରେଜ ସଂଯୋଗ ଆରମ୍ଭ ହୋଇଛି। ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଶେଷରେ ସହରର କିଛି ଅଂଶରେ ଏହା କାର୍ଯ୍ୟକ୍ଷମ ହେବାକୁ ଯାଉଛି। ସମ୍ବଲପୁର ମହାନଗର ନିଗମର ଭତରା, କୁଲୁଥକାନୀ, ସାରସ୍ୱତ କଲୋନୀ, ଗିରିଜା ନଗର, ମହାବୀରପଡା, ଭବାନୀଫିଲ୍ଡ, ତୁରିପଡା, ଶିବନଗର, ଉତରା ଅଞ୍ଚଳରେ ଲୋକେ ଘରର ମଇଳା ପାଣି ଲାଇନ ନବନିର୍ମିତ ସ୍ୱରେଜ ବ୍ୟବସ୍ଥାରେ ସଂଯୋଗ କରିପାରିବେ। ଏଥିପାଇଁ ଆବେଦନ କରିବାକୁ ୱାଟକୋ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦିଆଯାଉଛି। ଘରୋଇ ଉପଭୋକ୍ତାଙ୍କ ପାଇଁ ଆବେଦନ ଦେୟ ନିଃଶୁଳ୍କ ରହିଥିବା


ଭତରାସ୍ଥିତ ସ୍ୱେରେଜ ପ୍ରକଳ୍ପ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ।

ବେଳେ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ଭିନ୍ନ ଦେୟର ବ୍ୟବସ୍ଥା ରହିଛି। ସମ୍ବଲପୁରରେ ସ୍ୱେରେଜ ପ୍ରକଳ୍ପ ୨୦୧୭ ମସିହାରେ ଆରମ୍ଭ ହୋଇଥିଲା। ଦୁଇ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ଲକ୍ଷ୍ୟ ରଖାଯାଇଥିଲା। ତେବେ ଆଠ ବର୍ଷ ମଧ୍ୟରେ କେବଳ ପ୍ରକଳ୍ପର ୩୦ପ୍ରତିଶତ ଅଞ୍ଚଳରେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରିଛି। ତେବେ ପୁରା ପ୍ରକଳ୍ପ ସମ୍ପୂର୍ଣ୍ଣ କେବେ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଥିବା

**ପ୍ରାଥମିକ ପର୍ଯ୍ୟାୟରେ ୩୦ ପ୍ରତିଶତ ଅଞ୍ଚଳର କାର୍ଯ୍ୟକ୍ଷମ ହେବ**

ଅଞ୍ଚଳର ଲୋକେ ମଧ କେତେଦୂର ପ୍ରକଳ୍ପ ସଫଳ ହେବ ତାକୁ ନେଇ ସନ୍ଦେହରେ ରହିଛନ୍ତି। ଅନ୍ୟ ପକ୍ଷରେ ୱାଟକୋ ଜିଏମ ରାଜେଶ ନାୟକ କହିଛନ୍ତି, ଆଉ କିଛି ଦିନ ମଧ୍ୟରେ ସାକ୍ଷୀପଡା ଓ ହୀରାକୁଦ କଲୋନୀ ଅଞ୍ଚଳରେ ସ୍ୱେରେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇଯିବ। ତେବେ ସହର ଭୌଗୋଳିକ ସ୍ଥିତ ଏବଂ ପାରିପାର୍ଶ୍ୱିକ ସମସ୍ୟା ଯୋଗୁ ପ୍ରକଳ୍ପ କାମ ଡେରି ହେଉଛି। ତେବେ ପୂର୍ବରୁ କାମ ପାଇଥିବା ସଂସ୍ଥାକୁ ହଟାଇ ଦିଆଯାଇଛି। ସାନି ବ୍ୟୟ ଅଟକଳ ମଞ୍ଜୁର ହୋଇ ନୂତନ ଠିକାଦାରଙ୍କୁ ଦାୟିତ୍ୱ ଦିଆଯିବ ପରେ ବକେୟା ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରିବ ବୋଲି ନାୟକ କହିଛନ୍ତି।

# ମହିଳା ଦିବସ ଆୟୋଜନ ପାଇଁ ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଉପସ୍ଥିତ ନାରୀଶକ୍ତି ସଦସ୍ୟାମାନେ।

ସମ୍ବଲପୁର, ୨।୩(ଭବାନୀ ଶଙ୍କର ଭୋଇ)

ନାରୀଶକ୍ତି ପକ୍ଷରୁ ତରଫରୁ ରବିବାର ଆନ୍ତର୍ଜାତିକ ମହିଳା ଦିବସ ପାଇଁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମାଜରେ ଉଦାହରଣ ସାଜିଥିବା ମହିଳାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ନାରୀଶକ୍ତି ପକ୍ଷରୁ ଆଲୋଚନା କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୮ରେ ନାରୀଶକ୍ତି ପକ୍ଷରୁ ସମ୍ବଲପୁରୀ ଡେରାରେ ହେବାକୁ ଥିବା ମହିଳା ଦିବସ ପାଳନ ପାଇଁ ମତାମତ ସଂଗ୍ରହ କରାଯାଇ ଯୋଜନା ପ୍ରସ୍ତୁତ କରାଯାଇଥିଲା। ସମସ୍ତ ସଦସ୍ୟାମାନଙ୍କଠାରୁ ପରିଚିତ ଉଦଯୋଗୀ ମହିଳାମାନଙ୍କ ନାମ ସଂଗ୍ରହ କରି ସେମାନଙ୍କ କାର୍ଯ୍ୟ ବିଷୟରେ ଚର୍ଚ୍ଚା କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ନାରୀଶକ୍ତିର ମହିଳାମାନେ ବିଭିନ୍ନ କାର୍ଯ୍ୟରେ ସାମିଲ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ହାସିଲ କରିଥିବା ସଦସ୍ୟାମାନେ କହିଥିଲେ। ଆଲୋଚନାରେ ପଙ୍କଜୀନି ମେହେର, ଝୁନୁ ତ୍ରିପାଠୀ, କାନ୍ତି ମେହେର, ତୃପ୍ତୀମୟୀ ପଣ୍ଡା, ଛବି ପତି, ପଙ୍କଜିନୀ ବୈଠାରୁ, ଲଳିତା ଭୋଇ, ସ୍ୱସ୍ତିକା ନାୟକ, ସଂଘମିତ୍ରା ପଣ୍ଡା, ଭୂମିସୂତା ମେହେର ସାମିଲ ହୋଇଥିଲେ।

# ଉପନ୍ୟାସ ଶୁଭ୍ର ମଲ୍ଲିକା ଉନ୍ମୋଚିତ


ଅତିଥିମାନେ ଉପନ୍ୟାସ ଶୁଭ୍ର ମଲ୍ଲିକା ଉନ୍ମୋଚନ କରୁଛନ୍ତି।

ସମ୍ବଲପୁର, ୨।୩(ବି.ଶଙ୍କର)

ସାମାଜିକ ଅନୁଷ୍ଠାନ ଇନ୍ସପାୟାର ପକ୍ଷରୁ ଉପନ୍ୟାସ ଶୁଭ୍ର ମଲ୍ଲିକା ରବିବାର ସମ୍ବଲପୁର ସହର ସ୍ଥିତ ଶ୍ରୀଅରବିନ୍ଦ ସ୍କୁଲ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ଦୀପକ କୁମାର ପଣ୍ଡାଙ୍କ ସଭାପତିତ୍ୱ ଏବଂ ପ୍ରଫେସର ଡ. ଶ୍ରୀମ ଭୋଇଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ସମ୍ବଲପୁର ସହର ସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଉପ କୁଳସଚିବ ଡ. ଉମା ଚରଣ ପତି, ବିଶିଷ୍ଟ ସାହିତ୍ୟିକ ତଥା ନାଟ୍ୟବିତ୍ ଡ. ଦ୍ୱାରିକାନାଥ ନାୟକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଅଧାପକ ଡ.ଗୋପୀନାଥ ବାଗ, ସାହିତ୍ୟ ଓ ସଂସ୍କୃତିର ସୁସଙ୍ଗଠକ ଅଧାପକ ଡ. ମୋହନ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟାପିକା ଡ.ଶିବପ୍ରୀୟା ମିଶ୍ର ଉପନ୍ୟାସ ଶୁଭ୍ର ମଲ୍ଲିକା ଉପରେ ଆଲୋଚନା କରିଥିଲେ। ଅତିଥିମାନେ ମଧ୍ୟ ପୁସ୍ତକ ଉପରେ ଆଲୋଚନା କରିବାକୁ ଯାଇ ଔପନ୍ୟାସିକାଙ୍କ ସକାରାତ୍ମକ ଦୃଷ୍ଟିଭଙ୍ଗୀର ପ୍ରଶଂସା କରିଥିଲେ। ଏଥିସହ ଉପନ୍ୟାସଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ପୋଷଣ କରିଥିଲେ। ଲେଖିକା କାଞ୍ଚନ ପଣ୍ଡା ଲେଖକୀୟ ବକ୍ତବ୍ୟ ଉପସ୍ଥାପନ କରି ନିଜ ପ୍ରେରଣାର ସ୍ରୋତ ଏବଂ ପାରିପାଶର୍ବିକ ସ୍ଥିତିର ଉଲ୍ଲେଖ କରିଥିଲେ। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଉପାଧ୍ୟକ୍ଷ ବିଶ୍ୱେଶ୍ୱର ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଶ୍ରୀଅରବିନ୍ଦ ସ୍କୁଲରେ ଏକ ଲାଇବ୍ରେରୀ ଉଦ୍‌ଘାଟନ କରିଥିଲେ।

### ଶ୍ରୀରାମ ଜନ୍ମୋତ୍ସବ ପାଇଁ ପ୍ରସ୍ତୁତି

ସମ୍ବଲପୁର, ୨।୩(ବି.ଶଙ୍କର)

ଶ୍ରୀରାମ ଜନ୍ମୋତ୍ସବ ପ୍ରସ୍ତୁତି ବୈଠକ ରବିବାର ରାତିରେ ବୁଦ୍ଧିହିଲ ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଗିରୀଶ ପଟେଲଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଆସନ୍ତା ଅପ୍ରେଲ ୬ରେ ରାମ ନବମୀକୁ ଭବ୍ୟ ଓ ଦିବ୍ୟ ସହିତ ପାଳନ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଶତାଧିକ ସନାତନି ହିନ୍ଦୁ ଓ ରାମ ଭକ୍ତଙ୍କ ଯୋଗଦାନରେ ଶାନ୍ତିପୂର୍ଣ୍ଣଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ସତ୍ୟନାରାୟଣ ପଣ୍ଡା, ପ୍ରଦୀପ ବହିଦାର, ଦେବେନ୍ଦ୍ର ମହାପାତ୍ର, ଦାମୋଦର କର, ସିମାଞ୍ଚଳ ଖଟେଇ, କର୍ନେଲ ପ୍ରଭାତ ପଣ୍ଡା, ରାମଚନ୍ଦ୍ର ମେହେର, ସୁବେଦାର ମେଜର ଶିବନାରାୟଣ ବେହେରା, ଶିବ କୁମାର ଅଗ୍ରୱାଲ, କାର୍ତ୍ତିକ ବହିଦାର, ସୁନିଲ ନନ୍ଦ, ଅନ୍ନପୂର୍ଣ୍ଣା ବାରିକ, ଦେବାଶିଷ ପୁରୋହିତ, ସରୋଜ ଘଡ଼େଇ, ବଳରାମ ମହାପାତ୍ର, ଗୋଲକ ବିହାରୀ ମିଶ୍ର ପ୍ରମୁଖ ମତ ରଖିଥିଲେ। ଆଇନଜୀବୀ ପ୍ରଦୀପ ବହିଦାରଙ୍କୁ ସର୍ବସମ୍ମତିରେ ଉକ୍ତ ସଭାପତିଭାବେ ଚୟନ କରାଯାଇଛି। ପରବର୍ତ୍ତୀ ବୈଠକରେ ସମ୍ପୂର୍ଣ୍ଣ କମିଟି ଗଠନ ଓ ଶୋଭାଯାତ୍ରାର ରୂପରେଖ ପ୍ରସ୍ତୁତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

# କ୍ରିକେଟ: ଏପି ହଣ୍ଟର ଚାମ୍ପିୟନ

ସମ୍ବଲପୁର, ୨।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଡେଙ୍ଗିମଚା କ୍ରିକେଟ ପଡିଆରେ ଆୟୋଜିତ କ୍ରିକେଟ ପ୍ରତିଯୋଗିତାର ରବିବାର ଫାଇନାଲ ଖେଳରେ ଏପି ହଣ୍ଟର ବିଜୟୀ ହୋଇଛି। ଡେଙ୍ଗିମଚାର କ୍ରିକେଟ କ୍ଲବ ଆୟୋଜିତ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଏପି ହଣ୍ଟର ଏବଂ ଚାନ୍ଦମୁଡା ଦଳ ମଧ୍ୟରେ ହୋଇଥିଲା। ଏପି ହଣ୍ଟର ଦଳ ୧୦ ଓଭରରେ ୭୮ ରନ କରିଥିଲା। ଜବାବରେ ଚାନ୍ଦମୁଡା ଦଳ ଆବଶ୍ୟକ ରନ କରି ନ ପାରି ପରାଜିତ ହୋଇଥିଲା। ଫଳରେ ଏପି ହଣ୍ଟର ଡେଙ୍ଗିମଚା କ୍ରିକେଟ କପ୍ ବିଜେତା ହୋଇଥିଲା। ହୀରାକୁଦ ଲାୟନ୍ସ କ୍ଲବ ସଭାପତି ବିକାଶ ଖେତି ମୁଖ୍ୟ ଅତିଥି, କାର୍ତ୍ତିକ କାଳେତ, ମଞ୍ଜୁ ଓରାମ, ଅଶୋକ ସିକନ୍ଦର, ଉତ୍ତମ ବାଗ ଅତିଥି ଭାବେ ଯୋଗ ଦେଇଥିଲେ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

# ରକ୍ତଦାନ କରି ସଚେତନ କଲେ ବ୍ରହ୍ମାକୁମାରୀ

ସମ୍ବଲପୁର, ୨।୩(ବି.ଶଙ୍କର)

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଉପକ୍ଷେତ୍ର ଆୟୋଜନରେ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ଶାସନ ସ୍ଥିତ ପାବନ ସରୋବର ସଭାକକ୍ଷରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୬୯ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର ଉପକ୍ଷେତ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ପାର୍ବତୀଙ୍କ ୬୯ ତମ ଜନ୍ମଦିନ ପାଳନ କରାଯାଇଥିଲା। ଏହି ଶିବିରରେ ପାବନ ସରୋବରଠାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ବ୍ରହ୍ମାକୁମାରୀ ସଂସ୍ଥାନର ୫୫ ମହିଳା ଏବଂ ୧୪ ପୁରୁଷ ରକ୍ତଦାନ କରିଥିଲେ। ଏଥିରେ ବ୍ରହ୍ମାକୁମାରୀରେ ସମର୍ପିତ ହୋଇ ସେବା କରୁଥିବା ୩୦ ଜଣ ଭଉଣୀ ରକ୍ତଦାନ କରିଥିଲେ। ମହିଳା ରକ୍ତଦାତାଙ୍କ ସଂଖ୍ୟାଗରିଷ୍ଠତା



ଆୟୋଜିତ ଶିବିରରେ ଜଣେ ବ୍ରହ୍ମାକୁମାରୀ ରକ୍ତଦାନ କରୁଛନ୍ତି।

ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚିତ କରାଯାଇଛି। ବୁର୍ଲା ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ସମସ୍ତ ରକ୍ତଦାତା ମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

### ଆମ୍ବେଡକର ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

କୁଚିଣ୍ଡା, ୨।୩(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ଶ୍ରମିକ ଭବନରେ ଅନୁସୂଚିତ ଜାତି, ଜନଜାତି ବିକାଶ ପରିଷଦ ପକ୍ଷରୁ ଆମ୍ବେଡ୍‌କର ଜୟନ୍ତୀ ନିମନ୍ତେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିକାଶ ପରିଷଦ ସଭାପତି ଗଜେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଏପ୍ରିଲ ୧୪ରେ ବାବା ସାହେବଙ୍କ ଜନ୍ମଦିନ ପାଳନ ଉପରେ ଆଲୋଚନା ହୋଇଥିଲା। ଏହି ଉତ୍ସବରେ ଉପଖଣ୍ଡର ସମସ୍ତ ବ୍ଲକରୁ ଅଧିକ ସଂଖ୍ୟକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମହିଳା ପୁରୁଷ ଯେପରି ଯୋଗଦେବେ ସେନେଇ କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇଥିଲା। ବୈଠକରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ଶୋଭାରାମ ପ୍ରଧାନ, ସମ୍ପାଦକ ମନୋରଞ୍ଜନ ଭୋଇ, ସୁଜିତ ବୁଢ଼ାଙ୍କ ସମେତ ପରିଷଦର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ସଙ୍ଗଠନକୁ ସୁଦୃଢ଼ କଲେ ସାମୂହିକ ବିକାଶ ହେବ



ସାଂସ୍କୃତିକ ଦଳଙ୍କ ସହ ଯୋଗଦେଇଥିବା ଅତିଥିମାନେ।

କୁଚିଣ୍ଡା, ୨।୩(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପୁରୁଣାପାଣିଠାରେ ରବିବାର କୁଲେଇଗଡ ପଞ୍ଚାୟତସ୍ତରୀୟ ଲକ୍ଷେଘର ପାଣ ସମାଜର ୭ମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୁଲେଇଗଡ ସଭାପତି ଦୁଃଖବନ୍ଧୁ ଦଣ୍ଡିଆ ଏଥିରେ ସଭାପତିତ୍ୱ କରି ବାର୍ଷିକ ବିବରଣୀ ପଠନ କରିଥିଲେ। ସମ୍ମଳନୀରେ କୁଚିଣ୍ଡା ବ୍ଲକ ସଭାପତି ସୋମବାରୁ ବୁଡା, ଉପସଭାପତି ମନବୋଧ କଣ୍ଡା, ସମ୍ପାଦକ ଲିଙ୍ଗରାଜ ବାଘ, ସହସମ୍ପାଦକ ତ୍ରିନାଥ ଲୁହା, ଚିକେଶ୍ୱର ହଂସ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କୁସଂସ୍କାର ଭଳି ବ୍ୟାଧି ସମାଜରେ ଏବେବି ବସା ବାନ୍ଧି ରହିଥିବାରୁ ବହୁ ଗରିବ ପରିବାର ଏହାଦ୍ୱାରା ଶୋଷିତ ହେଉଛନ୍ତି। ସମାଜରେ ଏକ ସୁସ୍ଥ

**ପାଣ ସମାଜର ବାର୍ଷିକ ସମ୍ମିଳନୀ**

ବାତାବରଣ ସୃଷ୍ଟି କରି ସଙ୍ଗଠନକୁ ସୁଦୃଢ଼ କଲେ ପାଣ ଜାତିର ସାମୂହିକ ବିକାଶ ହେବ ବୋଲି କହିଥିଲେ।କାର୍ଯ୍ୟକ୍ରମରେ ଟେଲିଟିଲେଇମାଲ ପଞ୍ଚାୟତ ସଭାପତି ଭୀଷ୍ମ ମହାନନ୍ଦ, ସନାତନ କୁସୁମ, କମଳ ଲୋଚନ ସିଂ, ପ୍ରଦୀପ୍ତ ସୁରୁଜୁଲିଆ ପ୍ରମୁଖ ଯୋଗଦେଇ ସଙ୍ଗଠନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ଚନ୍ଦ୍ରମଣି ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମନବୋଧ ବାଘ, ତୁଳାରାମ ଦଣ୍ଡିଆ, ଜନାର୍ଦ୍ଦନ କାଉ ସହଯୋଗ କରିଥିଲେ। ଏଥିରେ କୁଲେଇଗଡ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ।

# ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ପୁରାତନ ଛାତ୍ର ସଂଘ

ସମ୍ବଲପୁର, ୨।୩(ପ୍ରମୋଦ ବହିଦାର)

**ଏଲ୍‌ଆର୍ ଆଇନ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି**

ହୀରକ ଜୟନ୍ତୀ ପାଳନ କରିବାକୁ ଯାଉଥିବା ସମ୍ବଲପୁର ଲାଲା ଲଜପତ୍ ରାୟ ଆଇନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଦାବି କରିଛି ପୁରାତନ ଛାତ୍ର ସଂଘ। ସଂଘ ପକ୍ଷରୁ ଗତ ଫେବୃଆରୀ ୨୮ରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ସଭାରେ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିକୁ ନେଇ କୁଳାଧିପତି ତଥା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସ୍ମାରକପତ୍ର ଜରିଆରେ ପୁନର୍ବାର ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଂଘର ଏକ ପ୍ରତନିଧି ଉଭୟ କୁଳାଧିପତି ଓ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବେ ବୋଲି ସଂଘର ସଭାପତି ସତ୍ୟନାରାୟଣ ପଣ୍ଡା ଓ ସମ୍ପାଦକ ଦୁର୍ଗା ପାଢ଼ୀ ଏକ ମିଳିତ ବିବୃତ୍ତିରେ ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ଦଳରେ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା, ସମ୍ପାଦକ ଦୁର୍ଗା ପାଢ଼ୀଙ୍କ ସମେତ ଅରୁଣ କୁମାର, ଲକ୍ଷ୍ମୀ ନାରାୟଣ ପଟେଲ, ସୁମନ୍ତ ସ୍ୱାଇଁ, ବନ୍ଦିତା ମିଶ୍ର, ସିପ୍ରା ମହାନ୍ତି, ଚନ୍ଦ୍ରକାନ୍ତ ମହାନ୍ତି, ପ୍ରକାଶ ଶତପଥି, ଭଗତ ସିଂ, ରଞ୍ଜିତ ସିଂ ହୁର(ରିମ୍ପୁ), ଚିନ୍ମୟ ଶତପଥୀ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ରହିଛନ୍ତି। ଏହାସହ ସମ୍ବଲପୁର ଏଲ୍‌ଆର୍ ଆଇନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇ ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, କଳାହାଣ୍ଡି, ସୁବର୍ଣ୍ଣପୁର, ବରଗଡ଼, ନୂଆପଡ଼ା, ଝାରସୁଗୁଡ଼ା, ବରଗଡ଼ ବିକାଶ ଆଇନ ମହାବିଦ୍ୟାଳୟ ଆଦି ସମସ୍ତ ଆଇନ ମହାବିଦ୍ୟାଳୟ ଗୁଡ଼ିକୁ ଏହି ନୂତନ ବିଶ୍ୱବିଦ୍ୟାଳୟ ଅଧିନରେ ରଖିବା ପାଇଁ ଦାବି କରିବେ ବୋଲି ସଂଘ ସଭାପତି ଓ ସମ୍ପାଦକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୨୩ ମେ ୨୭ରେ ମଧ ରାଜ୍ୟପାଳ ତଥା କୁଳାଧିପତି, ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ସାକ୍ଷାତ କରି ଅନୁରୂପ ଭାବେ ଉକ୍ତ ଦାବି ଉପସ୍ଥାପନ କରାଯାଇଥିଲା।

# ଜ୍ଞାନ ସମାଜ ପ୍ରଗତିର ଆଧାର

କୁଚିଣ୍ଡା, ୨।୩(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଆନ୍ତଃ ଜିଲାସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ଏଥିରେ ସଭାପତିତ୍ୱ କରି ଜ୍ଞାନ ହିଁ ସମାଜ ପ୍ରଗତିର ଏକମାତ୍ର ଆଧାର ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ଉଦ୍ଭିଦବିଜ୍ଞାନ ବିଭାଗ ଅଧ୍ୟାପକ ଡ.ସେନ ସେଠ ଯୋଗଦେଇ ଔଷଧୀୟ ବୃକ୍ଷ ଉପରେ ରାସାୟନିକ ଅଧ୍ୟୟନ ଓ ପରୀକ୍ଷାଗାର ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରଯୁକ୍ତି ବିଦ୍ୟା ପ୍ରୟୋଗର ନିର୍ଭୁଲତା ଉପରେ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ କୁଚିଣ୍ଡା କଲେଜର ଛାତ୍ରୀ ରୂପାଲି ପଣ୍ଡା ଓ ନନ୍ଦିତା ପଟେଲ,



କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ଛାତ୍ର ଯତୀନ ପଶାୟତ ଓ ସପ୍ନାରାଣୀ ହାଇଡ୍ରଫୋନିକ ଓ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ବିଷୟରେ ବୃକ୍ଷ

**ଆନ୍ତଃ କଲେଜ ଆଲୋଚନାଚକ୍ର**

ଚିହ୍ନିବା ଉପରେ ସନ୍ଦର୍ଭ ପାଠ କରିଥିଲେ। ପ୍ରାରମ୍ଭରେ ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ହେମଶିଳା ମାଝି ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦେବଦତ୍ତ ଭୋଇ ଅତିଥି ପରିଚୟ ପ୍ରଦାନ କରିଥଲେ। କେଶେଇବାହାଲ କଲେଜ ଅଧ୍ୟାପିକା ଅଞ୍ଜଳି ପଟେଲଙ୍କ ସହ ୧୫ ଜଣ ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୁଚିଣ୍ଡା କଲେଜ ପ୍ରାଧ୍ୟାପକ ପ୍ରମୋଦ ସ୍ୱାଇଁ, ଅଧ୍ୟାପକ ଅଭିନ କିଷାନ, ମହାଦେବ ମେହେର, ଚନ୍ଦନ ଖଣ୍ଡଗିରି, ମଞ୍ଜୁଶ୍ରୀ ଦାସ, ଭିକାରୀ ଓରାମ, ଟିକେଶ୍ୱର ଘୁଘର, ପରମଜିତ ନାଏକ, ଅଧ୍ୟାପିକା ରଶ୍ମିତା ନାଥ, ସୁଜିତ ପୃଷ୍ଟେଠ, ପବିତ୍ର ପାଣି, ଶିଶିର ସେଠ ସହଯୋଗ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

